# ଋଣ ଓ ହାଇପୋଥେକେସନ ଚୁକ୍ତି

୧. ମୁଖ୍ୟ ଚୁକ୍ତି (ଚୁକ୍ତି) କୁ ପରିଶୋଧ ନିର୍ଧାରଣ ର ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ଋଣଗ୍ରହୀତା ଏବଂ ସହ-ଋଣ ଗ୍ରହୀତାଙ୍କ ସହିତ ସେମାନଙ୍କ ବାସସ୍ଥାନ କିମ୍ବା ବ୍ୟବସାୟ ସ୍ଥାନରେ (ଘଟଣା ଅନୁସାରେ)ଏକ ନିର୍ଦ୍ଧାରିତ ସ୍ଥାନରେ (ଋଣ ଗ୍ରହୀତା) ଏବଂ ଦେ ଲାଗେ ଲାନଦେନ ଫାଇନେନ୍ସିଆଲ ସର୍ଭିସେସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ , କମ୍ପାନୀ ଅଧିନିୟମ ୨୦୧୩ ଅଧୀନ ରେ ଗଠିତ ଏବଂ ଏହାର ପଞ୍ଜୀକୃତ ଅଫିସ ୨୦ /ଏଫ,ଟାୱାର କ, ପେନିନସୁଲା ବିଜନେସ ପାର୍କ, ସେନାପତି ବାପତ ମାର୍ଗ, ଲୋଅର ପାରେଲ , ମୁମ୍ବାଇ ୪୦୦ ୦୧୩ ଏବଂ ଦିଲ୍ଲୀ ଠାରେ ଏକ ଶାଖା ଅଫିସ ଥିବା କମ୍ପାନୀ ( ଋଣ ଦାତା)ମଧ୍ୟରେ **ସ୍ୱାକ୍ଷରିତ** ହୋଇଥାଏ। ଏହା ପର ଠାରୁ ଋଣ ଗ୍ରହୀତା ଙ୍କୁ "ଆପଣ" 'ଆପଣଙ୍କର" ବୋଲି ତଥା ଋଣଦାତା ଙ୍କୁ 'ଆମକୁ""ଆମେ" ଓ "ଆମର"ବୋଲି ସମ୍ବୋଧନ କରାଯିବ। ଏହା ପରଠାରୁ ଋଣ ଗ୍ରହୀତା ଙ୍କୁ ତଥା ଋଣ ଦାତା ଙ୍କୁ "ପକ୍ଷ" ଏବଂ ଉଭୟ ଙ୍କୁ ମିଶାଇ "ପକ୍ଷ ଗୁଡିକ " ବୋଲି ସମ୍ବୋଧନ କରାଯିବ । ଏସକଟ ଲିମିଟେଡ, ଏକ ପଞ୍ଜୀକୃତ କମ୍ପାନୀ ଯାହାର ପଞ୍ଜୀକୃତ ଅଫିସ ଏସ ସି ଓ ୨୩୨, ପ୍ରଥମ ମହଲା, ସେକଟର ୨୦, ପଞ୍ଚକୁଲା, ୧୩୪ ୧୦୯ ଠାରେ ରହିଛି, ଦ୍ୱାରା 'ଏସକଟ କ୍ରେଡିଟ' ବ୍ୟବସାୟିକ ଚିହ୍ନ ରେ ଗ୍ରାହକମାନଙ୍କୁ ଋଣ ସୁବିଧା ଯୋଗାଇ ଦେଇଥାଏ। ଚୁକ୍ତି ରେ ଦର୍ଶାଯାଇଥିବା ସର୍ତ୍ତ ଓ ନିୟମ ଅନୁସାରେ ଆପଣ ଏକ ଋଣ ପାଇଁ ଆବେଦନ କରିଛନ୍ତି । ଉଭୟ ପକ୍ଷ ଏହି ରାଜିନାମା ରେ ସାଧାରଣ ସର୍ତ୍ତ ଓ ନିୟମ ଏବଂ ଉଭୟ ପକ୍ଷ ପାଇଁ ପାଳନ ଯୋଗ୍ୟ ପରିଶୋଧ ତାଲିକା ପ୍ରସ୍ତୁତ କରାଯିବ। ଫଳରେ ଋଣଦାତାଙ୍କ ଠାରୁ ଋଣ ପାଇବାକୁ କରାଯାଇଥିବା ଆବେଦନ କୁ ବିଚାର କରି ଋଣ ଦିଆଯାଇ ପାରିବ ( ସଂକେତ ପୂର୍ଣ କୋଟେସନ କୁ ସାମିଲ କରାଗଲେ ମଧ ଏହା କେବଳ କୋଟେସନ ରେ ସୀମିତ ରହିବ ନାହିଁ । ଏହି ସଂକେତ ପୂର୍ଣ କୋଟେସନ ର ବ୍ୟବସାୟିକ ସର୍ତ୍ତ କୁ ପରବର୍ତ୍ତୀ ଅବସ୍ଥା ରେ ଋଣ ଗ୍ରହୀତା ଙ୍କ ମୌଖିକ କିମ୍ବା ଲିଖିତ ଅନୁରୋଧ ରେ ପରିବର୍ତ୍ତନ କରାଯାଇ ପାରିବ। ଯଦି ରୁଣ ଗ୍ରହୀତା ଏଭଳି ପରିବର୍ତ୍ତନ ପାଇଁ ଅନୁରୋଧ କରନ୍ତି ତେବେ ଋଣଦାତାଏ ଭଳି ସଂଶୋଧନ କରିବା ପୂର୍ବ ରୁ ଋଣ ଗ୍ରହୀତା ଙ୍କ ଠାରୁ ଏ ବିଷୟ କୁ **ସୁନିଶ୍ଚିତ** କରିବେ । ଯଦି ପରିଶୋଧ ତାଲିକା ଏବଂ ସଂକେତ ପୂର୍ଣ କୋଟେସନ କିମ୍ବା ଅନ୍ୟ କାଗଜପତ୍ରମଧ୍ୟରେ କିଛି ତାରତମ୍ୟ ଦେଖାଯାଏ ତେବେ କେବଳ ଦରଖାସ୍ତ ରେ ସୀମିତ ନ ରହି ପରିଶୋଧ ତାଲିକା **ଚୂଡ଼ାନ୍ତ** କରାଯିବ ଯାହାକି ଉଭୟ ପକ୍ଷ ପାଇଁ ବାଧ୍ୟତାମୂଳକ ଭାବରେ ପାଳନୀୟ ହେବ । ଏହି ଚୁକ୍ତି ଅନୁସାରେ ଯଦି ଏଥିରେ କୌଣସି **ବିରୋଧାଭାସ** ନ ଥାଏ ତେବେ ଋଣ ଗ୍ରହୀତା ଏବଂ ସହ-ଗ୍ରହୀତାମାନେ ମିଳିତ ଭାବରେ ଏବଂ **ବ୍ୟକ୍ତିଗତ** ଭାବରେ ଋଣ **ଦାତାଙ୍କ** ନିକଟରେ ଦାୟୀ ରହିବେ ।

୨. ଆରମ୍ଭ ତାରିଖ ର 6 ସପ୍ତାହ ର 'ଉପଲବ୍ଧ ସମୟ'ମଧ୍ୟରେ ପରିଶୋଧ ତାଲିକା( ସୁବିଧା) ର ବର୍ଣନା ଅନୁସାରେ ଏକ ସୀମିତ ପରିମାଣ ର ଋଣ ନେବାକୁ ଆପଣ ଏବଂ ଋଣ ଦେବାକୁ ଆମେ ରାଜି ଅଛୁ। ଆରମ୍ଭ ତାରିଖ ଅର୍ଥାତ ଋଣ ଅବଧି ଆରମ୍ଭ ହୋଇଥିବା ଦିନ । ଋଣ ଦାତା ଙ୍କ ଇଚ୍ଛା ଅନୁସାରେ ପରିଶୋଧ ତାଲିକା ରେ ଏହାକୁ ଉଲ୍ଲେଖ କରାଯାଇଥାଏ। ଗ୍ରହଣ ପ୍ରମାଣ ପତ୍ର (ନିମ୍ନ ରେ ବର୍ଣିତ) ର ତାରିଖ ପୂର୍ବରୁ ପରିଶୋଧ ତାଲିକା ରେ ଉପକରଣ ସମ୍ପର୍କ ରେ ବିବରଣୀ ଦିଆଯିବ। ଏଥିରେ ରହିବ କୌଣସି ସୀମା ନ ରହି , ସମସ୍ତ ସଂଯୁକ୍ତ ଯନ୍ତ୍ରାଂଶ, ଏହାର ସହଯୋଗୀ ଯନ୍ତ୍ରାଂଶ ,ଭବିଷ୍ୟତ ରେ ଏଥିରେ ଲଗାଯାଇ ପାରୁଥିବା ଯନ୍ତ୍ରପାତି ଏବଂ ଏହାର ପରିବର୍ତ୍ତନ,ଏହାର ସଫ୍ଟ ଓୟାର ଏବଂ ରକ୍ଷଣାବେକ୍ଷଣ ଠିକା ଆଦି ସମ୍ପର୍କ ରେ ଉଲ୍ଲେଖ ରହିବ । ଉତ୍ପାଦନ ର ନିର୍ମାତା, ଡିଲର, ଭେଣ୍ଡର , ପୁନଃ ବିକ୍ରେତା,ଯୋଗାଣକାରୀ (ଭେଣ୍ଡର) ଙ୍କ ଠାରୁ ଋଣଦାତା ଙ୍କ ଋଣ ପଇସା ରେ କିଣାଯିବାକୁ ଥିବା ସମସ୍ତ ସଂଯୁକ୍ତ ଯନ୍ତ୍ରାଂଶ, ଏହାର ସହଯୋଗୀ ଯନ୍ତ୍ରାଂଶ ,ଭବିଷ୍ୟତ ରେ ଏଥିରେ ଲଗାଯାଇ ପାରୁଥିବା ଯନ୍ତ୍ରପାତି ଏବଂ ଏହାର ପରିବର୍ତ୍ତନ,ଏହାର ସଫ୍ଟ ଓୟାର ଏବଂ ରକ୍ଷଣାବେକ୍ଷଣ ଠିକା ଆଦି ସମ୍ପର୍କ ରେ ଉଲ୍ଲେଖ ରହିବ। ସମ୍ମତି ପ୍ରମାଣ ପତ୍ର ର ଅର୍ଥ ହେଲା, ଋଣଗ୍ରହୀତା ଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ଏକ ସୁନି ଶ୍ଚିତିକରଣ/ ପ୍ରମାଣ ପତ୍ର ଯାହାକି ସଂକେତ ପୂର୍ଣ କୋଟେସନ ରେ ଉଲ୍ଲେଖ କରାଯାଇଥିବ ଏବଂ ଋଣଗ୍ରହୀତା ଏଥିରେ ଉଲ୍ଲେଖ କରିବେ ଯେ ସେ ଉପକରଣ କୁ ସଠିକ ଅବସ୍ଥାରେ ଏବଂ ଆଦେଶ ଅନୁସାରେ ଏଥିରେ ସମସ୍ତ ବିଷେଶତ୍ୱ ରହିଛି,କିମ୍ବା ଉପକରଣ ଗ୍ରହଣ କଲାପରେ ତାକୁ ଆଉ ନିରୀକ୍ଷଣ କରିବାର ଅଧିକାର ନ ରହିବା ଏବଂ ବିନା ସର୍ତ୍ତ ରେ ଉପକରଣ କୁ ଗ୍ରହଣ କରିବା ସମ୍ପର୍କ ରେ ଏଥିରେ ଘୋଷଣା କରାଯାଇଥିବ । ଏହି ପ୍ରମାଣ ପତ୍ର ର ବିଷୟ ବସ୍ତୁ କୁ ଋଣ ଦାତା ନିଜ ଇଚ୍ଛା ରେ ସ୍ଥିର କରବେ ଏବଂ ଯେ କୌଣସି ସମୟ ରେ ଏଥିରେ ପରିବର୍ତ୍ତନ ମଧ କରି ପାରିବେ। ସଙ୍କେତପୂର୍ଣ କୋଟେସନ ର ଅର୍ଥ ହେଲା ଏକ ଦସ୍ତାବିଜ, ଯେଉଁଥିରେ ଋଣଗ୍ରହୀତା ଙ୍କ ଋଣ ଆବେଦନ ର ବ୍ୟବସାୟିକ ସର୍ତ୍ତ ଗୁଡିକ ଉଲ୍ଲେଖ କରାଯାଇଥାଏ । କୌଣସି ପୂର୍ବାଗ୍ରହ ନ ରଖି ଆପଣ ଏହି ଚୁକ୍ତି ର ସର୍ତ୍ତ କୁ ଗ୍ରହଣ କରିନେବେ ବୋଲି ଆଶା କରାଯାଉଛି। ଏହାକୁ ନିମ୍ନ ଲିଖିତ କାର୍ଯ୍ୟ ଦ୍ୱାରା ସମ୍ପାଦନ କରାଯାଇ ପାରିବ-(କ)ପରିଶୋଧ ତାଲିକା ରୂପରେ ବ୍ୟବସାୟିକ ସର୍ତ୍ତ ଚୂଡାନ୍ତ କରାଯିବା ପୂର୍ବ ରୁ ଧାରା ୧ ରେ ବର୍ଣିତ ସର୍ତ୍ତାବଳୀ କୁ ନେଇ ଋଣ ଗ୍ରହୀତା ମୌଖିକ ଭାବରେ ସୁନିଶ୍ଚିତ କରିବେ (ଖ) ପରିଶୋଧ ତାଲିକା କିମ୍ବା ତାର ଅଂଶ ବିଶେଷ ର ଉଲ୍ଲେଖ ଅନୁସାରେ ଋଣ ଗ୍ରହୀତା କିମ୍ବା ତାଙ୍କ ତରଫରୁ ପ୍ରସେସିଂ ଫି ଜମା କରାଗଲେ (ଗ) ଚୁକ୍ତି ସମ୍ପର୍କ ରେ ଷ୍ଟାମ୍ପ ଡ୍ୟୁଟି, ଆଇନ ଗତ ଖର୍ଚ୍ଚ ଆଦି ବହନ କରାଗଲେ (ଘ) ଋଣଦାତା ଙ୍କ ସିକ୍ୟୁରିଟି ସୁଧ ଅର୍ଥ ସମେତ ଉପକରଣ ର ଇନଭଏସ ଉପରେ ପ୍ରଥମ ନିର୍ଦ୍ଧାରିତ ଅର୍ଥ ଜମା କରାଗଲେ (ଙ) ରେଜିଷ୍ଟ୍ରେସନ ପ୍ରମାଣପତ୍ର ରେ ଧାରା ୨୪ ଅନୁସାରେ ବନ୍ଧା ପକାଯାଇଥିବା ସମ୍ପତ୍ତି ଉପରେ ଋଣଦାତା ଙ୍କ ସିକ୍ୟୁରିଟି ସୁଧ ଅର୍ଥ ଜମା କରାଗଲେ (ଚ)ଋଣ ଗ୍ରହୀତା ଯେଉଁ ଭେଣ୍ଡର ଙ୍କ ଠାରୁ ଉପକରଣ କିଣୁଛନ୍ତି କିମ୍ବା କିଣିବାକୁ ଚାହୁଁଅଛନ୍ତି ତାର ଷ୍ଟାମ୍ପ ଡ୍ୟୁଟି ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାର ବର୍ଣନା ଯଦି ସଙ୍କେତପୂର୍ଣ କୋଟେସନ ରେ ରହିଥାଏ ଏବଂ ପରିଶୋଧ ତାଲିକା ଅନୁସାରେ ଏକ କିମ୍ବା ଅଧିକ କିସ୍ତି ପରିଶୋଧ କରାଯାଇଥାଏ ।

୩.୦ଋଣ ଗ୍ରହୀତା ଏହି ସୁବିଧା ଜରିଆରେ ଦିଆଯାଇଥିବା ଅର୍ଥ କୁ ଉପକରଣ କିଣିବାରେ ଏବଂ ଯଦି ସଙ୍କେତପୂର୍ଣ କୋଟେସନ କିମ୍ବା ପରିଶୋଧ ତାଲିକାରେ ସେଭଳି ଦର୍ଶାଯାଇଥାଏ ତେବେ ସେହି ଅର୍ଥ କୁ ଉପକରଣ ର ବୀମା କିସ୍ତି ଏବଂ/କିମ୍ବା ଋଣ ଗ୍ରହୀତା ଙ୍କ ଜୀବନ,ସ୍ୱାସ୍ଥ୍ୟ ଏବଂ/କିମ୍ବା ସୁସ୍ଥ ରହିବାରେ ("ଉଦ୍ଦେଶ୍ୟ") ରେ ଖର୍ଚ୍ଚ କରାଯାଇ ପାରିବ । ଏହି ସୁବିଧା ର ବ୍ୟବହାର କୁ ଋଣ ଦାତା ଯାଞ୍ଚ କରିବେ ନାହିଁ। ଋଣ ଗ୍ରହୀତା ନିଜ ଖର୍ଚ୍ଚ ରେ ଏହି ଅର୍ଥ ବ୍ୟବାହାର କରାଯାଇଥିବା ର ପ୍ରମାଣ ଋଣଦାତା କୁ ଜଣାଇବେ ।

✍

୪.  .ରଣ ଦାତା ଙ୍କୁ ଦରକାର ଥିବା ସମସ୍ତ କାଗଜପତ୍ର ନ ମଳିବା ପର୍ଯ୍ୟନ୍ତ ଏହି ସୁବିଧା ଅଧୀନରେ କୌଣସି ଅଗ୍ରୀମ ରାଶୀ ଦେବେ ନାହିଁ। ଏ ଦିଗରେ (ପୂର୍ବ ସର୍ତ୍ତାବଳୀ)କୁ ପୂରଣ କରିବାକୁ ରଣ ଗ୍ରହୀତା ଙ୍କୁ ପଦକ୍ଷେପ ନେବାକୁ ପଡିବ । ଆପଣ ଏହି ଚୁକ୍ତି କାର୍ଯ୍ୟକାରୀ ହେବା ଠାରୁ କିମ୍ବା ତା ପୂର୍ବ ରୁ ରଣଦାତା ଙ୍କୁ ପରିଶୋଧ ତାଲିକା ଅନୁସାରେ "ପ୍ରସେସିଂ ଫି " ଜମା କରିବାକୁ ହେବ । ଏହି ଫି କୌଣସି ପରିସ୍ଥିତି ରେ ଫେରସ୍ତ କରାଯିବ ନାହିଁ । ଯଦି ସେଭଳି ଭାବରେ ପ୍ରାଧିକୃତ କରାଯାଇଥାଏ ତେବେ ରଣଦାତା, ଯେଉଁ ଭେଣ୍ଡର ଙ୍କ ଠାରୁ ରଣ ଗ୍ରହୀତା ଉପକରଣ କିଣିଥିବେ କିମ୍ବା କିଣିବାର ଥିବ, ତାଙ୍କ ଠାରୁ ପ୍ରସେସିଂ ଫି (ଗୁଡିକ) ଆଦାୟ କରିବେ ।

୫. ଏହି ସୁବିଧା ର ପୂର୍ବ ବ୍ୟବସ୍ଥା କିମ୍ବା ଏହାର ଅଂଶ ବିଶେଷ କୁ  ପୂରଣ କରାଗଲେ ଏ ବାବଦ ଅର୍ଥ ପ୍ରଦାନ କରାଯିବ କିମ୍ବା ଅର୍ଥ ଦେବାକୁ ମନା କରି ଦିଆଯିବ । ରଣଦାତା ଏହି ସୁବିଧା ଅଧୀନରେ ଦିଆଯାଉଥିବା ଅର୍ଥ ( ଯଦି ବୀମା ବାବଦ କୁ ଦିଆଯାଉଥିବା କିସ୍ତି ବ୍ୟତୀତ)କୁ ସିଧା ସଳଖ ଭେଣ୍ଡର ଙ୍କୁ ବଣ୍ଟନ କରିବେ, ଏହି ଅର୍ଥ ରଣଗ୍ରହୀତା ଙ୍କୁ ଦିଆଯିବ ନାହିଁ । ରଣଦାତା ନିଜ ଇଚ୍ଛା ରେ ଏ ନେଇ ଯଦି କିଛି ଅତିରିକ୍ତ ସର୍ତ୍ତ ଥାଏ, ତାହା ରଣଗ୍ରହୀତା ପୂରଣ କଲାପରେ,ଏହି ସୁବିଧା ର ଅର୍ଥ କିମ୍ବା ଏହାର ଅଂଶ ବିଶେଷ କୁ ରଣଗ୍ରହୀତା ଙ୍କୁ ଦେଇ ପାରନ୍ତି। " ରଣ" ର ଅର୍ଥ ହେଲା ପୂର୍ବୋକ୍ତ କଥନ ଅନୁସାରେ ଏହି ସୁବିଧା ରେ ଦିଆଯାଇଥିବା ପଇସା  କିମ୍ବା ବଣ୍ଟା ଯାଇଥିବା ପଇସା ।

୬.. ଏହି ସୁବିଧା ରୁ ମିଳିଥିବା ପଇସା(ଯଦି ଥାଏ) କୁ ରଦ୍ଦ କରିଦେଇ ପାରିବେ, ଯଦି (୧ ) ଚୁକ୍ତି ଅନୁସାରେ ପଇସା କୁ ରଦ୍ଦ କିମ୍ବା କମ କରାଯାଇଥାଏ (୨) ସମସ୍ତ ରଣ (ଯଦି ଥାଏ) ର ମୂଳ ଅର୍ଥ ,ଏଭଳି ତାରିଖ ରେ (" ଉପଲବ୍ଧ ସଂକଳ୍ପ")ସୁବିଧା ର ୨୫% ରୁ  କମ ହୋଇଥାଏ  କିମ୍ବା ସେହି ପଇସା ର ମୋଟ ବହୁଗୁଣିତ ରାଶି କୁ ଅତିକମ ରେ ୧୪ ଟି ବ୍ୟବସାୟିକ ଦିନ ପୂର୍ବର ରୁ ଲିଖିତ ନୋଟିସ ଦେଇ ଉପଲବ୍ଧ ସମୟ ସୀମା ଆଗରୁ ଫେରସ୍ତ କରିଦେଇ ପାରିବେ। ଏହି ଚୁକ୍ତି ଅନୁସାରେ ବ୍ୟବସାୟିକ ଦିନ ର ଅର୍ଥ ହେଲା, ଗୋଟିଏ ଦିନ ( ଶନିବାର ଓ ରବିବାର ବ୍ୟତୀତ ) ଯେଉଁ ଦିନ ମୁମ୍ବାଇ, ଭାରତ  ରେ ବ୍ୟାଙ୍କଗୁଡିକ ବ୍ୟବସାୟ ପାଇଁ ଖୋଲା ରହିଥାଏ । ଯଦି ରଦ୍ଦ କରାଯାଇଥିବା ଦିନରେ ରଦ୍ଦ କରାଯାଇଥିବା ଅର୍ଥ ର ଶତକଡା ୧% ଭାଗ ରଦ୍ଦୀକରଣ ଫି  ରଣଦାତା ଙ୍କୁ ଫେରସ୍ତ କରା ନ ଯାଏ ତେବେ ଏହା ମାନ୍ୟ ହେବ ନାହିଁ । ଯଦି ଉପଲବ୍ଧ ସଂକଳ୍ପ ର କୌଣସି ଅଂଶ ବ୍ୟବହାର ନ ହୋଇ ରାହିଯାଇ ଥାଏ କିମ୍ବା ଉପଲବ୍ଧ ସମୟ ସାରିବା ପୂର୍ବ ରୁ ବାହାର କରାଯାଇ ନାହିଁ ତେବେ ତାହା  ଉପାଲବ୍ଧ ସଂକଳ୍ପ ର ସମୟ ( ଯଦି ଏହାର ସମୟ ସୀମା ରଣଦାତା ଙ୍କ ଇଚ୍ଛା ରେ ବଢା ନ ଯାଏ) ଶେଷ ହେବା ସହିତ ଆପେ ଆପେ ରଦ୍ଦ ହୋଇଯିବ ।  ଏବଂ ରଦ୍ଦ କରାଯାଇଥିବା ଅର୍ଥ ର ଶତକଡା ୧% ଭାଗ ରଦ୍ଦୀକରଣ ଫି  ରଣଦାତା ଙ୍କୁ ଫେରସ୍ତ କରିବାକୁ ପଡିବ ।

୭..ଏହି ଚୁକ୍ତି ଅନ୍ୟ ବ୍ୟବସ୍ଥା ବ୍ୟତୀତ ପରିଶୋଧ ତାଲିକା ଅନୁସାରେ ରଣଗ୍ରହୀତା ଙ୍କୁ ସମ୍ପୂର୍ଣ ରଣ ପଇସା ଓ ତା ଉପରେ ଲାଗୁ ହେଉଥିବା ସୁଧ କୁ ରଣଦାତା ଙ୍କୁ ଫେରସ୍ତ କରିବାକୁ ପଡିବ । ପରିଶୋଧ କରାଯାଇଥିବା ସୁବିଧା ର କୌଣସି ଅଂଶ କୁ ରଣ ଗ୍ରହୀତା ପୁଣିଥରେ ଧାର କରି ପାରିବେ ନାହିଁ ।

୮..  ଶେଷ 'ଆରମ୍ଭ ଦିନ ଠାରୁ ଏକ (୧) ବର୍ଷ ପରେ ଅତିକମ ରେ ୧୪ ଟି ବ୍ୟବସାୟିକ ଦିନ ପୂର୍ବ ରୁ ଲିଖିତ ନୋଟିସ ଜରିଆରେ , ରଣଗ୍ରହୀତା ଯେ କୌଣସି ପରିଶୋଧ ଦିବସ ରେ , ଏକାସଙ୍ଗରେ ସମସ୍ତ ବାକିଆ ପଇସା ( ଆଂଶିକ ନୁହେଁ)ସୁବିଧା ର ୪% ଆଗୁଆ କିସ୍ତି ସହିତ ରଣଦାତା ଙ୍କୁ ହୋଇଥିବା ଅନ୍ୟ ମୂଲ୍ୟ, ଖର୍ଚ୍ଚ ଏବଂ ଦାୟିତ୍ୱ ର ଭରଣା କରି ଏକାସଙ୍ଗରେ ସବୁଯାକ ପଇସା ପଇଠ କରିବାକୁ ହେବ । ପ୍ରତ୍ୟେକ ପଇଠ କୋଟ ପାଇଁ ୫୦୦ ଭାରତୀୟ ଟଙ୍କା ( ୫୦୦ ଟଙ୍କା ) ଫି ବାବଦ କୁ ବୁଝାଇ ରଣଦାତା ଙ୍କ ଠାରୁ ପଇଠ କୋଟ ନେଇ ପାରିବେ। ରଣଦାତା ନିଜ ଇଚ୍ଛା ରେ ହୁଏତ ଏହି ଫି କୁ ଏକାଥରକରେ ( ମୋଟ ପ୍ରଯୁଜ୍ୟ ଟେକ୍ସ, ଯଦି ଥାଏ) ପୂର୍ବୋକ୍ତ ବର୍ଣନା ଅନୁସାରେ ଆମେ ପାଇଲା ପରେ ସମସ୍ତ ବାକିଆ ଫେରସ୍ତକୁ ବାଦ ଦେଇ ଅବଶିଷ୍ଟ ପଇସାକୁ ଫେରସ୍ତ କରିଦେଇ ପାରନ୍ତି କିମ୍ବା ଏହାକୁ ନିଜର ଆୟ ବୋଲି ହିସାବ କରିନେଇ ପାରନ୍ତି ।  ପୂର୍ବ ରୁ କୁହାଯାଇଥିବା ଅନୁସାରେ ଆମର ସୁବିଧା ପ୍ରସ୍ତୁତି କଲାବେଳେ, ଏହି ସୁବିଧା ଅଧୀନରେ ସମସ୍ତ ବାକିଆ ରାଶୀ ବାହାରେ ଆମେ ଗ୍ରହଣ କରିଥିବା ୫୦୦/-(ପାଞ୍ଚ ଶହ ଟଙ୍କା)  କୁ ଫେରସ୍ତ କରାଯାଇ ନ ପାରେ, ଏହାକୁ ଆମର  ଆୟ ବୋଲି ଧରି ନେବୁ।

୯..ପରିଶୋଧ ତାଲିକାର ବ୍ୟବସ୍ଥା ଅନୁସାରେ (" ସୁଧ ହାର")  ସୁଧ ଦେୟ ହେବ । ସୁଧ ଲାଗୁ ହେବାର ଆରମ୍ଭ ଦିନ ଠାରୁ କିସ୍ତି ଶେଷ ହେବା (ପରିଶୋଧ ତାଲିକା ) ତାରିଖ ସମ୍ପର୍କରେ ରଣଗ୍ରହୀତାଙ୍କୁ ଲିଖିତ ଆକାର ରେ ରଣଦାତା ଙ୍କୁ ( ଫେକ୍ସ, ଈ'ମେଲ କିମ୍ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା ଜଣାଇ ଦିଆଯିବ। ରଣଦାତା ଙ୍କ ଦ୍ୱାରା ପରିଶୋଧ ତାଲିକା ଦସ୍ତଖତ କରିବାର ୧୪ ଟି ବ୍ୟବସାୟ ଦିନ ମଧ୍ୟରେ ପରିଶୋଧ କରିବାର ତାରିଖ ସମ୍ପର୍କରେ ସୂଚନା ଦିଆଯିବ। ପରିଶୋଧ କରିବାର ତାରିଖ ଏବଂ ଏହାର ପରିମାଣ ଆପଣଙ୍କ ପାଇଁ ଚୁଡାନ୍ତ ଏବଂ ବାଧ୍ୟତା ମୂଳକ ହେବ। ଯଦି ଏଭଳି ପ୍ରାଧିକୃତ କରାଯାଇଥାଏ ତେବେ ଏହି ତାରଖ ଗୁଡିକରେ କିସ୍ତି କୁ ରଣଦାତା, ଉପକରଣ କିଣାଯାଇଥିବା/ କିଣିବାକୁ ଥିବା  ଭେଣ୍ଡର ଙ୍କ ଠାରୁ ଆଦାୟ  କରିବେ । "ପ୍ରାକ ଆରମ୍ଭ ସୁଧ" ର ଅର୍ଥ ହେଉଛି  ରଣଦାତା ଙ୍କ ଦ୍ୱାରା ପରିଶୋଧ ତାଲିକା ସ୍ୱାକ୍ଷରିତ ହେବା ଦିନ ଠାରୁ  ପରିଶୋଧ ତାଲିକା ରେ ସ୍ଥିର କରାଯାଇଥିବା ଆରମ୍ଭ ଦିନ ପର୍ଯ୍ୟନ୍ତ ସମୟ ପାଇଁ ରଣ ଉପରେ ଲାଗୁ ହେଉଥିବା ସୁଧ । ପ୍ରାକ ଆରମ୍ଭ ସୁଧ କୁ ରଣ ର ଅବଧି ମଧ୍ୟରେ ଦେବାକୁ ପଡିଥାଏ।

୧୦.. ଚୁକ୍ତି ରେ ଯଦି କିଛି ବିରୋଧାଭାଷ ନ ଥାଏ ତେବେ ଆମେ ବିଶେଷ ଗ୍ରାହକ ମାନଙ୍କ ପାଇଁ ନିଜ ଇଚ୍ଛା ରେ ୧୫ ଦିନର ନୋଟିସ ଦେଇ ପରିଶୋଧ ତାଲିକା ଓ ସୁଧ ହାରକୁ ସଂଶୋଧନ କର ପାରିବୁ।

୧୧..ଏହି ଚୁକ୍ତି ଅଧୀନରେ ଦେୟ ସମସ୍ତ ପଇସା କୌଣସି ପ୍ରକାର କଟକଣା, ସର୍ତ୍ତ, କାଟଛାଣ୍ଟ ( କିମ୍ବା ଅଟକ ରଖିବା),ଟାକ୍ସ, ପୁନଃ ଦାବି କିମ୍ବା ଅନ୍ୟାନ୍ୟ ସମସ୍ୟା ରୁ ମୁକ୍ତ ରହିବା ଦରକାର। ଆପଣ ସ୍ୱୀକାର କରନ୍ତୁ ଏବଂ ରାଜି ହୁଅନ୍ତୁ ଯେ ଏହି ଚୁକ୍ତି ର ସମସ୍ତ ପ୍ରକାର ଟେକ୍ସ ବୁଝାଇବା ଆପଣଙ୍କ ଦାୟିତ୍ୱ ଅଟେ।

୧୨..ଯଦି କୌଣସି ସମୟ ରେ ଏହା ଆମ ପାଇଁ ଚୁକ୍ତି ର ସମସ୍ତ କିମ୍ବା ଆଂଶିକ ପାଳନ କରିବା  ବେଆଇନ କିମ୍ବା ଦ୍ୱନ୍ଦ ସୃଷ୍ଟିକାରୀ ହୁଏ କିମ୍ବା ହେବାକୁ ଯାଉଥାଏ ତେବେ ଏହି ଚୁକ୍ତିକୁ ରଦ୍ଦ କରାଯିବ ଏବଂ ଆପଣଙ୍କୁ ଆମ ଦ୍ୱାରା ନିର୍ଦ୍ଧାରିତ ସୁବିଧା କୁ ପରିଶୋଧ କରିବାକୁ ପଡିବ।

୧୩.. ରଣ ଗ୍ରହୀତା ଙ୍କ ଉପରେ ବାକିଥିବା ସମସ୍ତ ଦେୟ କୁ ସେ ରଣଦାତାଙ୍କ ଦିଲ୍ଲୀ ରେ ଥିବା ଆକାଉଣ୍ଟରେ ସମୟ ସମୟରେ ଆମର ନୋଟିସ ଅନୁସାରେ ଗୋଟିଏ ଦିନର ନୋଟିସ ରେ ଜମା କରିବାକୁ ହେବ । ଏହି ଚୁକ୍ତି ଅନୁସାରେ ଦେୟ ଯେ କୌଣସି ପଇସାକୁ ରଣଦାତାଙ୍କ ଦିଲ୍ଲୀ ବାହାରେ ଥିବା ଏକ କିମ୍ବା ଏକାଧିକ ଆକାଉଣ୍ଟ (ଗୁଡିକ)ରେ

ଜମା କରିବାକୁ ହେବ । ଆପଣ , ଆମର ଅନୁରୋଧ ପାଇଲା ମାତ୍ରେ ତୁରନ୍ତ ଆପଣଙ୍କ ବ୍ୟାଙ୍କ କୁ ଏହି ଚୁକ୍ତି ଅଧୀନରେ ସ୍ୱୟଂ ଚାଳିତ କ୍ଲିଅରିଂ ହାଉସ ସମେତ ଅନ୍ୟାନ୍ୟ ଇଲେକଟ୍ରୋନିକ ମାଧ୍ୟମ କିମ୍ବା ଆମ ଦ୍ୱାରା ସମୟ ସମୟରେ ଦରକାର ପଦ୍ଧତି ରେ ପଇଠ କରିବାକୁ ପରାମର୍ଶ ଦେବେ। ଗ୍ରହଣ କରାଯାଇ ନ ଥିବା ପ୍ରତ୍ୟେକ ଚେକ ପାଇଁ ଏବଂ ପଇଠ ନିର୍ଦ୍ଦେଶ ପାଇଁ ୫୦୦ ଟଙ୍କା ଭାରତୀୟ ମୁଦ୍ରା ଦେବାକୁ ପଡିବ। ଯଦି ଆପଣ ଇଲେକଟ୍ରୋନିକ ପଦ୍ଧତି ରେ ପଇଠ କରିଛନ୍ତି, ତେବେ ଆପଣଙ୍କୁ ଋଣଦାତା ଙ୍କ ପ୍ରାଧିକୃତ ପ୍ରତିନିଧି ଙ୍କ ଠାରୁ ପ୍ରତ୍ୟେକ ପଇଠ ପାଇଁ ପୃଥକ ଭାବରେ ପ୍ରାପ୍ତି ସ୍ବୀକୃତି ପାଇବେ ।

୧୪. ଯଦି ପରିଶୋଧ ତାରିଖ କୌଣସି ଅଣ ବ୍ୟବସାୟ ଦିନରେ ପଡେ ତେବେ ଏହାକୁ ତାର ପୂର୍ବ ଦିନରେ ପଡିଛି ବୋଲି ଧରାଯିବ।

୧୫ . ଯଦି ଋଣଗ୍ରହୀତା ଙ୍କ ଆଗରୁ କୌଣସି ଦେୟ ବାକିଆ କିମ୍ବା ଉଧାରୀ ରହିଥାଏ ତେବେ ଏଭଳି ପଇଠ କୁ ସେ ବାବଦ ରେ ଗ୍ରହଣ କରି ନିଆଯିବ ।

୧୬ .ଆପଣ ନିମ୍ନ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ବଦ୍ଧ ଯେ- (୧) ଆପଣ ଏହି ଚୁକ୍ତି କରିବାକୁ ସମ୍ପୂର୍ଣ ସକ୍ଷମ ଅଟନ୍ତି ଏବଂ ଏଥିପାଇଁ ଆବଶ୍ୟକ ସମସ୍ତ କାର୍ଯ୍ୟ ଆପଣ ସମ୍ପାଦନ କରିଛନ୍ତି (୨) ଆପଣ କୌଣସି ଦଖଲ ନୋଟିସ ପାଇ ନାହାନ୍ତି (୩) ଆପଣ କୌଣସି ପ୍ରଯୁଜ୍ୟ ଆଇନ ର ଉଲଂଘନ କରି ନାହାନ୍ତି ( ଋଣଦାତା ଯେଉଁଠି ଅପଣଙ୍କ ଆଇନସଙ୍ଗତ କାଗଜପତ୍ର କୁ ସାମିଲ କରିଥିବେ ) କିମ୍ବା କୌଣସି ଚୁକ୍ତି ର ପକ୍ଷ ନୁହନ୍ତି (୪) ଆପଣ ସୁଝିବାକୁ ଅକ୍ଷମ କିମ୍ବା ଦେବାଳିଆ ନୁହନ୍ତି କିମ୍ବା ଏ ସଂକ୍ରାନ୍ତ କୌଣସି ନୋଟିସ ପାଇ ନାହାନ୍ତି (୫) ଆପଣ ଆମକୁ ଜମା କରିଥିବା ସମସ୍ତ ସୂଚନା ସତ୍ୟ ଏବଂ କୌଣସି ଦୃଷ୍ଟିରୁ ଭୁଲ ଧାରଣା ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ନୁହେଁ (୬) ଆପଣ ଙ୍କ ବିରୁଦ୍ଧ ରେ କୌଣସି ମୋକଦ୍ଦମା କିମ୍ବା ଆଇନଗତ ପଦକ୍ଷେପ କିମ୍ବା ସେଭଳି ଭୟ ବାକିଆ ପଡିନାହି (୭) ଆପଣଙ୍କ ଦ୍ୱାରା ବନ୍ଧା ପକାଯାଇଥିବା (ହାଇପୋଥେକେଟେଡ ) ସମ୍ପତ୍ତି( ଅନ୍ୟତ୍ର ବ୍ୟାଖ୍ୟା ରହିଛି) ସମ୍ପୂର୍ଣ ରୂପେ ଆପଣଙ୍କ ମାଲିକାନା ରହିଛି ଏବଂ ଅନ୍ୟାନ୍ୟ ଜଟିଳତା ରୁ ମୁକ୍ତ ରହିଛି ତଥା ଆମ ସପକ୍ଷ ରେ ରହିଛି ଏବଂ ରହିବ (୮) ଏଭଳି କୌଣସି ଘଟଣା ନାହି ଯାହା କୁପ୍ରଭାବ ପକାଇବ (କ) ଉପକରଣ ଉପରେ (ଖ ) ଆର୍ଥିକ ସ୍ଥିତି, ସମ୍ପତ୍ତି, ବୋଝ , କାର୍ଯ୍ୟର ଫଳ ,ସ୍ଥିତି ( ଆର୍ଥିକ କିମ୍ବା ଅନ୍ୟ ପ୍ରକାର ), ଋଣ ଗ୍ରହୀତା ଙ୍କ ବ୍ୟବସାୟ କିମ୍ବା (ଗ) କୌଣସି ଚୁକ୍ତି ର କାର୍ଯ୍ୟକାରିତା କିମ୍ବା ବୈଧତା (" ସାମଗ୍ରୀ କୁପ୍ରଭାବ ) ଏବଂ (୯) କୌଣସି ସରକାରୀ କର୍ତ୍ତୃପକ୍ଷ ଙ୍କ ଠାରେ ଆଇନଗତ କୌଣସି ବାକିଆ ଦେୟ କିମ୍ବା ଟିକସ ଦେ ବାକି ନାହିଁ ।

୧୭ . ସମୟ ସମୟରେ ଆମର କାରଣ ଥିବା ଆବଶ୍ୟକତା ଅନୁସାରେ ଆପଣ ନିଜର ଆର୍ଥିକ ସ୍ଥିତି, ବ୍ୟବସାୟ କିମ୍ବା ଉପକରଣ ସମ୍ପର୍କରେ ତୁରନ୍ତ ସୂଚନା ଯୋଗାଇବେ ।

୧୮. ଆପଣ କରିବେ ନାହିଁ (୧) ଉପକରଣ କୁ ବିକ୍ରି, ହସ୍ତାନ୍ତର, ଉପ-ଲିଜ, ଉପ-ଭଡା ଅନ୍ୟାନ୍ୟ ପ୍ରକାର ଅନ୍ୟ କୁ ଦେବେ ନାହିଁ (୨) ଉପକରଣ ଉପରେ କୌଣସି ନିରାପତ୍ତା ସୁଧ ଲାଗିବ ନାହିଁ କିମ୍ବା ପଡିବାକୁ ଦେବେ ନାହିଁ (୩) ଉପକରଣକୁ ଏପରି କୌଣସି ସ୍ଥାନରେ ଲଗାଇ ରଖିବେ ନାହିଁ ଯେପରିକି ଏହାକୁ ସେ ସ୍ଥାନର ଏକ ଅଂଶ ବିଶେଷ ବୋଲି ଧରାଯିବ (୪) ଉପକରଣ ର ଆକାରପ୍ରକାର ରେ କୌଣସି ପ୍ରକାର ପରିବର୍ତ୍ତନ କିମ୍ବା ରୂପାନ୍ତର କରାଯିବ ନାହିଁ (୫) ଆମର ଲିଖିତ ଅନୁମତି ବିନା ଉପକରଣ ର ସ୍ଥାନ କୁ ପରିଶୋଧ ତାଲିକା ଅନୁସାରେ ଋଣଗ୍ରହୀତା ଙ୍କ ଠିକଣା ରୁ ଅନ୍ୟତ୍ର ନିଆଯିବ ନାହିଁ

୧୯.ଆପଣ ଆମକୁ ତୁରନ୍ତ ଖବର ଦେବେ, ଯଦି (୧) କୌଣସି ପ୍ରାଧିକାର ର ଉଲଂଘନ କିମ୍ବା ଉଲଙ୍ଘନର ଅଭିଯୋଗ କିମ୍ବା ଆପଣଙ୍କ ଯାଣତରେ ପ୍ରଯୁଜ୍ୟ ଆଇନର ଉଲଂଘନ ଘଟିଲେ ଏବଂ/କିମ୍ବା ଋଣ ପରିଶୋଧ ନ କରି ପାରିବାର ସ୍ଥିତି ଉପୁଜିଥାଏ ।

୨୦..ଆପଣ ନିଜ ଖର୍ଚ୍ଚ ରେ ବନ୍ଧା ପଡିଥିବା ସମ୍ପତ୍ତି କୁ ବିକ୍ରି ଯୋଗ୍ୟ ଏବଂ ଉତ୍ତମ ଅବସ୍ଥା ରେ ରଖିବେ ଏବଂ ଆମର ସନ୍ତୁଷ୍ଟି ଅନୁସାରେ ଚୁକ୍ତି ର ଶେଷ ପର୍ଯ୍ୟନ୍ତ ଉପକରଣ କୁ ସମସ୍ତ ବିପଦରୁ ସୁରକ୍ଷିତ(ବୀମା ଭୁକ୍ତ ) ରଖିବେ। ଆପଣ ଏହ ବୀମା ର ସମସ୍ତ କିସ୍ତି ସମୟ ଅନୁସାରେ ଜମା କରିବେ ଏବଂ ଏହାର କାଗଜପତ୍ର ଆମକୁ ଦେବେ। ଚୁକ୍ତି ର ଧାରା ୩ ଅନୁସାରେ କୌଣସି ପରିମାଣ (ଗୁଡିକ) ଏହି ସୁବିଧା ର ପଇସା ରୁ ବହନ କରାଗଲେ ନ ଗଲେ ମଧ୍ୟ ଆପଣ ଏତଦ୍ୱାରା ରାଜି, ସ୍ୱୀକୃତ ଏବଂ ଦାୟିତ୍ୱ ନେଉଛନ୍ତି ଯେ ପୂର୍ବ କଥନ ଅନୁସାରେ ଆପଣ ଏହି ବନ୍ଧା ପଡିଥିବା ସମ୍ପତ୍ତି କୁ ବୀମାଭୁକ୍ତ କରି ସବୁଦିନ ପାଇଁ ରଖିବେ। ବିନା ପ୍ରତିକୂଳ ଅବସ୍ଥାରେ ଏବଂ ଆପଣ ବୀମା କରିବାରେ ଅସଫଳ ହେଲେ , ଆମ ଖର୍ଚ୍ଚ ରେ ଏହି ସମ୍ପତ୍ତି ର ବୀମା କରିବାର ଅଧିକାର (ଦାୟୀ ନୁହେଁ ) ରହିଛି କିମ୍ବା ଆପଣଙ୍କ ସତ୍ତ୍ୱ କୁ ନେଇ ଏହାର ବୀମା ଆପଣଙ୍କ ପାଇଁ କରାଇ ଦିଆଯିବ । ଏ ବାବଦ ଖର୍ଚ୍ଚ କୁ ଆପଣଙ୍କ ହିସାବ ରୁ ଭରଣା କରାଯିବା ସହିତ ଆପଣଙ୍କୁ ଏ ବାବଦରେ ଏଭଳି ପ୍ରତ୍ୟେକ ବୀମା ବାବଦକୁ ୭,୫୦୦ /-(ସାତ ହଜାର ପାଞ୍ଚ ଶହ ଟଙ୍କା) ଭାରତୀୟ ଟଙ୍କା ଦେବାକ ପଡିବ। ଏହି ସୁବିଧା ର କୌଣସି ଅଂଶ କୁ ଯଦି ବୀମା କିସ୍ତି(ଗୁଡିକ) ଭାବରେ ବ୍ୟବହାର କରାଯାଏ ତେବେ ଆମକୁ ଆପଣଙ୍କ ଅଟୋର୍ଣୀ ଭାବରେ ନିଯୁକ୍ତ କରିବାକୁ ହେବ ଯାଦ୍ବାରା କି ପରିଶୋଧ ତାଲିକା ର ଉଲ୍ଲେଖ ଅନୁସାରେ କଥିତ ବାର୍ଷିକ, ସାମୟିକ ବା ତଦର୍ଥ କିସ୍ତି କୁ ସମ୍ପୂର୍ଣ କିମ୍ବା ଆଂଶିକ ଭାବରେ ଦିଆଯାଇ ପାରିବ କିମ୍ବା ଅନ୍ୟ କୌଣସି ବୀମା ଏଜେଣ୍ଟ , ମଧ୍ୟସ୍ଥି କିମ୍ବା ତୃତୀୟ ପକ୍ଷ, ଯାହାକୁ ଋଣଦାତା ସ୍ଥିର କରିବେ । ଋଣଗ୍ରହୀତା ଙ୍କ ଠାରୁ ଅନୁରୋଧ ସହିତ ପ୍ରସ୍ତାବ ଫର୍ମ ପାଇଲା ପରେ ଏହି କାର୍ଯ୍ୟ କରାଯିବ ଏବଂ ଯଦି ପରିଶୋଧ କରିବାରେ କୌଣସି ବିଫଳତା ଦେଖାଯାଏ ତେବେ (୧) ଆମ ନିଜସ୍ୱ ଇଚ୍ଛାରେ ବୀମା ପଲିସୀକୁ ବାତିଲ କରି ଦିଆଯିବ ଏବଂ ଅସମ୍ପୂର୍ଣ ପଲିସୀର ଫେରସ୍ତ ପଇସାକୁ ଧାରା ୧୫ ର ବ୍ୟବସ୍ଥା ଅନୁସାରେ ନିଜ ପାଖରେ ରଖି ନିଆଯିବ କିମ୍ବା (୩) ସେହି ପଲିସୀକୁ ଅନ୍ୟ ବ୍ୟକ୍ତି ଙ୍କୁ ଆମର ନିଜସ୍ୱ ଇଚ୍ଛାରେ ହସ୍ତାନ୍ତରିତ କରି ଦିଆଯିବ ।

୨୧ .ଏଥିରୁ ମିଳିଥିବା ନିରାପତ୍ତା ସୁଧ କୁ ଚାଲୁ ରଖାଯିବ ଏବଂ ସୁବିଧା ଅଧୀନରେ ସମସ୍ତ ଦେୟ ପରିଶୋଧ ହେବା ପର୍ଯ୍ୟନ୍ତ ଏହା ପୂରା ଦମରେ ବଳବତ୍ତର ରହିବ । ଏହା ଦ୍ୱାରା ଆପଣଙ୍କ ବୋଝ ପ୍ରଭାବିତ ହେବା ସହିତ ଅଚଳ ଏବଂ ଆପଣଙ୍କୁ ପରିଶୋଧ ଅକ୍ଷମ ଅନ୍ୟ ପ୍ରକାରେ ପ୍ରଭାବିତ ହେବାକୁ ପଡିବ। ନିରାପତ୍ତା ସୁଧ ର ଅର୍ଥ ହେଲା କୌଣସି ପ୍ରକାର ବନ୍ଧକ,ଶପଥ,ହାଇପୋଥୋକେସନ,ନିଯୁକ୍ତି, ଜମା ବ୍ୟବସ୍ଥା , ଦଖଲ,ଧାରଣାକାର, ( ଆଇନସଙ୍ଗତ କିମ୍ବା ଅନ୍ୟ ପ୍ରକାର), ନକାରାତ୍ମକ ଶପଥ, ଅଗ୍ରାଧିକାର, ଅନ୍ୟ ପ୍ରକାର ନିରାପତ୍ତା ବ୍ୟବସ୍ଥା , ସେ ଯେ କୌଣସି ପ୍ରକୃତି ର ବ୍ୟବସ୍ଥା ହେଉ ନା କାହିଁକି , ସୀମାହୀନ ବ୍ୟବସ୍ଥା ସହିତ (୧) କୌଣସି ପ୍ରକାର ସର୍ତ୍ତ ଭିତ୍ତିକ ବିକ୍ରି ଏବଂ ନାମ ଉପରେ ଅଧିକାର ଗ୍ରହଣ, କୌଣସି ପ୍ରକାର ଅର୍ଥ ଗ୍ରହଣ କିମ୍ବା ସେହି ଭଳି ଲେଖାପଢା , କୌଣସି ରେକର୍ଡ କୁ ନେଇ କିମ୍ବା ନୋଟିସ ଜରିଆରେ କିମ୍ବା ଉପର ଲିଖିତ ବିଷୟ କୁ ନେଇ କୌଣସି ପ୍ରକାର ଲିଜ ଏବଂ (୨) କ୍ଷତି ପୂରଣ ର ଜବାବ କିମ୍ବା ବୀମା ବୁଝାମଣା କୁ ନେଇ ସେ ଭଳି କିଛି ବ୍ୟବସ୍ଥା ଋଣଗ୍ରହୀତା ପ୍ରତ୍ୟାହାର କରି ନ ହେଲା ଭାବରେ ଋଣଦାତା ଙ୍କୁ ନିଜର ଅଟୋର୍ଣୀ ପ୍ରଦାନ କରି ତାଙ୍କର ସର୍ତ୍ତ ଓ ନାମ ଗ୍ରହଣ ସହିତ ତାଙ୍କ ପାଇଁ ଦସ୍ତଖତ କରିବାର ଅଧିକାର , ସିଲ, ସମସ୍ତ କାଗଜପତ୍ର କରିବା ଏବଂ ଋଣଦାତା

✍

ଯାହା ଦରକାର ଓ ଉଚିତ୍ ମନେକରିବେ (କ) ମିଳିଥିବା ନିରାପତ୍ତା ସୁଧକୁ ସମ୍ପୃକ୍ତ ଯାନ ପଞ୍ଜୀକରଣ ଅଧିକାରୀ ଙ୍କ ନିକଟରେ ପଞ୍ଜୀକରଣ ବହି (ରେଜିଷ୍ଟ୍ରେସନ ବୁକ ) ରେ ଆଇନ ଅନୁସାରେ  ଲିପିବଦ୍ଧ କରି ପାରିବେ (ଖ ) ଚୁକ୍ତି ଅଧୀନ ରେ କର୍ତ୍ତବ୍ୟ  ସମ୍ପାଦନ ପାଇଁ ଏହାର କାଅଯ୍ୟକାରିତା ଓ ନେଣ ଦେଣ ଆଦି କାମ କରି ପାରିବେ (ଗ ) ଋଣଦାତାଙ୍କ ଉପରେ ନ୍ୟସ୍ତ ଏହି ଅଧିକାର, କ୍ଷମତା  ବଳରେ ଚୁକ୍ତି ଅଧୀନରେ ନିରାପତ୍ତା ସୁଧ ସୃଷ୍ଟି କରିବାର ଅଧିକାର ହାସଲ କରିବେ (ଘ) ଦିଆଯାଇଥିବା ଦାୟିତ୍ୱ ସମ୍ପାଦନ ପାଇଁ ଋଣଦାତା ବନ୍ଧକ ଥିବା ସମ୍ପତ୍ତିକୁ ବିକ୍ରି କରିବା କିମ୍ବା ଏହାର କୌଣସି ଅଂଶ କୁ ଭଙ୍ଗାଇବା ଅଧିକାର,ଏହାର ଅଟୋର୍ଣୀ ଭାବରେ ଯାହା ଉଚିତ ମାନେ କରିବେ ଋଣଗ୍ରହୀତା ଙ୍କ ତରଫରୁ ସମସ୍ତ କାର୍ଯ୍ୟ ସମ୍ପାଦନ କରି ପାରିବେ। ଏହା ଦ୍ୱାରା ଋଣଗ୍ରହୀତା, ଅଟୋର୍ଣୀ ଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଡିଡ,କାର୍ଯ୍ୟ ,ଲେଖା ଆଦିକୁ ସମର୍ଥନ, ମଞ୍ଜୁରୀ ଓ ସ୍ୱୀକୃତି ପ୍ରଦାନ କରିବେ।

୨୨ . ଋଣଦାତା ଏବଂ ପ୍ରତ୍ୟେକ ଅଟୋର୍ଣୀ, ମ୍ୟାନେଜର, ଏଜେଣ୍ଟ ଏବଂ ଏହା ଦ୍ୱାରା ନିଯୁକର ଅନ୍ୟ ବ୍ୟକ୍ତି ବନ୍ଧା ପଡିଥିବା ସମ୍ପତ୍ତି ଉପରେ ଋଣଦାତା ଙ୍କ ଦ୍ୱାରା ଏଥିରେ କରାଯାଇଥିବା ଖର୍ଚ୍ଚ କୁ ବାହାର କରିବା ପାଇଁ ହକ୍‌ଦାର ହେବେ।

୨୩ . ସୁବିଧା କୁ ବିଚାର କରି ପରିଶୋଧ ତାଲିକାରେ ଦିଆଯାଇଥିବା ବର୍ଣ୍ଣନା ଅନୁସାରେ ଯନ୍ତ୍ରପାତିକୁ ଜମା ଦେବାକୁ  ( ବନ୍ଧା ପଡିଥିବା ସମ୍ପତ୍ତି) କୁହାଯିବ ଏବଂ ପ୍ରଥମ, କେବଳ ମାତ୍ର ଏବଂ ଗୋଟିଏ ଦରରେ ଋଣଗ୍ରହୀତା ଙ୍କୁ ବନ୍ଧା ପକାଇବାକୁ ହେବ ।

୨୪ .  ପ୍ରଥମ, କେବଳ ମାତ୍ର ଏବଂ ଗୋଟିଏ ଦରକୁ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ସମସ୍ତ ଆବଶ୍ୟକ ଫର୍ମ, କାଗଜପତ୍ର ଓ ଡିଡ ରେ ଦସ୍ତଖତ କରି ଋଣଦାତା ଙ୍କ ସପକ୍ଷ ରେ କରିବାକୁ ପଡିବ।

୨୫ .ନିରାପତ୍ତା ସୁଧ କୁ କାର୍ଯ୍ୟକାରୀ କରାଯିବା ସମୟରେ ଋଣଦାତା , ଏକ ଗ୍ରହଣକର୍ତ୍ତା ନିଯୁକ୍ତ କରିବେ କିମ୍ବା ନିଜେ (କ ) ବନ୍ଧା ପଡିଥିବା ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ ଯନ୍ତ୍ରାଂଶ କୁ ନିଜର ଦାଖଲ କୁ ନେବେ।(ଖ) ଋଣଗ୍ରହୀତାଙ୍କ ବ୍ୟବସାୟ କୁ ନିଜ ହାରକୁ ନେବେ କିମ୍ବା ତାର ପରିଚାଳନା କରିବେ (ଗ) କୌଣସି ବ୍ୟବସ୍ଥା କିମ୍ବା ବୁଝାମଣା କରିବେ (ଘ) ବନ୍ଧା ପଡିଥିବା ସମ୍ପତ୍ତି କୁ ଅନ୍ୟ କାହାକୁ  ଦେବେ, ବିକ୍ରି, ଲିଜ, ଲାଇସନ୍ସ ଦେବା କିମ୍ବା ଚଳାଇବେ କିମ୍ବା ଅନ୍ୟ ପ୍ରକାରେ ତାକୁ ହସ୍ତାନ୍ତର କରିବେ (ଙ) ବନ୍ଧା ପଡିଥିବା ସମ୍ପତ୍ତି ସମ୍ପର୍କରେ ସମସ୍ତ କାର୍ଯ୍ୟକାଳାପ କୁ କାର୍ଯ୍ୟକାରୀ କରିବେ, ଲାଗୁ କରିବେ, ଏହାକୁ ସୁରକ୍ଷା ଦେବେ( ଚ) ବନ୍ଧା ପଡିଥିବା ସମ୍ପତ୍ତି କୁ ନେଇ ଋଣଦାତା ନିଜ ଇଚ୍ଛା ରେ ଯାହା ଉଚିତ ମନେ କରିବେ ସେ ସବୁ କାର୍ଯ୍ୟ କରିବେ। ଯେଉଠି ଗ୍ରହଣକର୍ତ୍ତା ନିଯୁକ୍ତ ହୋଇଥିବେ ସେ ଋଣଦାତା ଙ୍କ ନିର୍ଦ୍ଦେଶ ରେ କାର୍ଯ୍ୟ କରିବେ । ତାଙ୍କୁ ଦିଆଯାଉଥିବା ଦରମା କୁ ଋଣଗ୍ରହୀତା ବହନ କରିବେ । ଗ୍ରହଣକର୍ତ୍ତା, ପ୍ରଯୁଜ୍ୟ  ଆଇନ ଅନୁସାରେ ସମସ୍ତ କାର୍ଯ୍ୟ କରିବେ। ଗ୍ରହଣକର୍ତ୍ତା, ଋଣ ଗ୍ରହୀତା ଙ୍କ ଏଜେଣ୍ଟ ଭାବରେ କାର୍ଯ୍ୟ କରିବେ ଏବଂ ତାଙ୍କର କାର୍ଯ୍ୟ  କିମ୍ବା ବ୍ୟବହାର ପାଇଁ ଋଣଦାତା କୌଣସି ପ୍ରକାରେ ଦାୟୀ ରହିବେ ନାହିଁ ।

୨୬ .ସମସ୍ତ ବନ୍ଧା ପଡିଥିବା ସମ୍ପତ୍ତି, ଏହାର ବିକ୍ରି ରୁ ମିଳିଥିବା ପଇସା ଏବଂ ବୀମା ଅର୍ଥ ଉପରେ ଋଣଦାତା ଙ୍କ ମାଲିକାନା ରହିବ। ଋଣଗ୍ରହୀତା, ଦରକାର ପଡିଲେ ବନ୍ଧା ପଡିଥିବା ସମ୍ପତ୍ତି ର ସମ୍ପୂର୍ଣ ବିବରଣୀ ଏକ ଫର୍ମରେ ଏବଂ ଋଣଦାତା ଙ୍କୁ ସନ୍ତୁଷ୍ଟ କରିପାରିଲା ଭଳି ଢଙ୍ଗରେ ତାଙ୍କୁ ଜମା କରିବେ।

୨୭ .ଯଦି ଆମ ଦ୍ୱାରା ସ୍ଥିର କରାଯାଇଥିବା ରାଶୀ କୁ ପରିଶୋଧ କରିବାରେ ବିଫଳ ହୁଅନ୍ତି, ନିମ୍ନ ଘଟଣାଗୁଡିକୁ ମିଶାଇ କିନ୍ତୁ ସେଥିରେ ସୀମିତ ନ ରହି, (୧) ଆପଣ ଯଦି ଠିକ ଦେୟ ଅର୍ଥାତ ମୂଳଧନ ଓ  ସୁଧ ପଇଠ ନ କରନ୍ତି (୨) ଯଦି କୌଣସି ପ୍ରତନିଧିତ୍ୱ, ପ୍ରତଶ୍ରୁତି, ଆବାହନ କିମ୍ବା ଚୁକ୍ତି ର ଖିଲାପ କରନ୍ତି (୩) ସ୍ୱାଭାବିକ ମାଚ୍ୟୁରୀଟି ପାଇବା ପୂର୍ବ ରୁ ଆପଣ କିମ୍ବା ଆପଣଙ୍କ ସହଯୋଗୀ ଙ୍କ ଉପରେ ବାକିଥିବା ଅନ୍ୟ କୌଣସି ଉଧାର (୪) ଯଦି ଆପଣ ଋଣ ସୁଝି ନ ପାରିଲା ଭଳି ଅବସ୍ଥା କୁ ଆସିଯାଇଥାନ୍ତି କିମ୍ବା ଦେବାଳିଆ ହେବା ଆଡକୁ ଗତି କରୁଥାନ୍ତି (୫) ସମସ୍ତ ସମ୍ପତ୍ତି କିମ୍ବା ଏହାର ଗୁରୁତ୍ୱପୂର୍ଣ ଅଂଶ ପାଇଁ ଯଦି ଲିକ୍ୟୁଡେଟର ନିଯୁକ୍ତ କରିଥାନ୍ତ (୬) ଆପଣଙ୍କ ସମ୍ପତ୍ତି ଉପରେ ନିରାପତ୍ତା କୁ ଲାଗୁ କରାଯାଇ ପାରୁ ନାହିଁ  (୭) ଉପକରଣ ଟି ବିପଦ ରେ ରହିଛି, କିମ୍ବା କ୍ଷତିଗ୍ରସ୍ତ ହୋଇ ସାରିଛି କିମ୍ବା ଋଣଗ୍ରହୀତା ତାକୁ ଛାଡି ଚାଲି ଯାଇଛନ୍ତି (୮)  ଆପଣ ବ୍ୟବସାୟ ର ଗୁରୁତ୍ୱପୂର୍ଣ କାର୍ଯ୍ୟ ବନ୍ଦ କରିଛନ୍ତି କିମ୍ବା କରିବାକୁ ଇଚ୍ଛା ପ୍ରକାଶ କରି ନୋଟିସ ଦେଇଛନ୍ତି (୯)  ଏହି ଚୁକ୍ତି ଅନୁସାରେ କାର୍ଯ୍ୟ ପାଳନ କରିବା ଆପଣଙ୍କ ପାଇଁ ବେଆଇନ କିମ୍ବା ଆଇନ ବିରୁଦ୍ଧ ହୋଇ ପଡିଛି (୧୦) ଚୁକ୍ତି ଅନୁସାରେ ଉପକରଣ ଉପରେ ବୀମା କରିବାରେ ବିଫଳ ହୋଇଛନ୍ତି (୧୧)  କୌଣସି କାରଣ ରୁ ଏହି ଚୁକ୍ତି ଅକାମୀ ହୋଇପଡିଛି କିମ୍ବା କାମ କରିପାରୁ ନାହିଁ, ଏବଂ  (୧୨) ବସ୍ତୁ ପ୍ରତିକୂଳ ପ୍ରଭାବ ସୃଷ୍ଟି ହୋଇଥିଲେ, ଆମେ ନିମ୍ନ ଲିଖିତ କାର୍ଯ୍ୟ କରି ପାରିବୁ ; (କ) ଗୋଟିଏ (୧) ଦିନର ନୋଟିସ ଦେଇ ସମସ୍ତ ବାକିଆ ଦେୟ ତୁରନ୍ତ ପଇଠ କରିବାକୁ (ଖ )  ଋଣଦାତା ଭାବରେ ମୋକଦ୍ଦମା କରିପାରିବୁ ଏବଂ/କିମ୍ବା ବନ୍ଧା ପଡିଥିବା ସମ୍ପତ୍ତି ଉପରେ ଅଧିକାର ସାବ୍ୟସ୍ତ କରି ପାରିବୁ (ଗ ) ଆଗକୁ ପଇସା କାଢିବା  ବନ୍ଦ କରିଦେବୁ ଏବଂ କଢାଯାଇ ନ ଥିବା ପଇସା କୁ ବାତିଲ କରିଦେବୁ (ଘ) ବନ୍ଧା ପଡିଥିବା ସମ୍ପତ୍ତି କୁ ପ୍ରବେଶ କରି ତାକୁ ଦଖଲ କରିବା ସହିତ ଅଦାଲତ ର ବିନା ହସ୍ତକ୍ଷେପ ରେ ସମ୍ପତ୍ତି ର ବିକ୍ରି, ଅନ୍ୟକୁ ହସ୍ତାନ୍ତର, କିମ୍ବା ଅନ୍ୟ ପ୍ରକାରେ ଏହାକୁ ସମାପନ କରି ଏହାର ବିକ୍ରି ରୁ ମିଳିଥିବା ଅର୍ଥ କୁ ନିଜପାଖରେ ରଖିବା (ଙ) ଆପଣଙ୍କୁ ପଇସା ଫେରସ୍ତ କରିବାକୁ ଥିବା ବ୍ୟକ୍ତି ଙ୍କୁ ଆମକୁ ସିଧାସଳଖ ଫେରାଇବାକୁ କହିବୁ (ଚ) ଉପକରଣ କୁ ବଳ ପୂର୍ବକ ଦାଖଲ କରିବୁ (ଛ) ପ୍ରଯୁଜ୍ୟ ଆଇନ ଅନୁସାରେ ଅନ୍ୟାନ୍ୟ ପଦକ୍ଷେପ ନେବୁ

୨୮ .ଭାରତୀୟ ଚୁକ୍ତି ଆଇନ,୧୮୭୨ ର ଧାରା ୧୫୧ ର ବ୍ୟବସ୍ଥା କୁ ବିରୋଧ ନ କରି , ଋଣଦାତା କିମ୍ବା ତାଙ୍କ ଅଫିସର , ଏଜେଣ୍ଟ କିମ୍ବା ମନୋନୀତ ବ୍ୟକ୍ତି ,ସମ୍ପତ୍ତି ଉପରେ ହେଉଥିବା କ୍ଷତି,ବନ୍ଦରହିବା କିମ୍ବା ଡେପ୍ରିସେସନ ପାଇଁ କୌଣସି ପ୍ରକାରେ ଦାୟୀ ରହିବେ ନାହିଁ । ଏ ସବୁ ଅବସ୍ଥା ପାଇଁ ଋଣଗ୍ରହୀତାଙ୍କ ଆକାଉଣ୍ଟକୁ ହିଁ ଦାୟୀ ରହିବାକୁ ପଡିବ ।

୨୯ . କୌଣସି ପ୍ରକାର ଅସଫଳତା ( ପରିଶୋଧ କରିବାରେ ବିଫଳତା, ଚୁକ୍ତି ଅନୁସାରେ ଋଣଦାତାଙ୍କ ଦାବି ଅନୁସାରେ କିସ୍ତି ବୁଝାଇ ନ ପାରିବା ,ଯାହା ପ୍ରଥମେ ଘଟିବ, ସମେତ) ଆପଣଙ୍କୁ ବିଫଳତା ର ସମୟ ପାଇଁ  **ପ୍ରତି ବର୍ଷ ୩୦% ଡିଫଲ୍ଟ ସୁଧ ହାର** ରେ ପଇଠ କରିବାକୁ ହେବ । ଏହି ଅର୍ଥ ର ପରିମାଣ ଆମେ ସ୍ଥିର କରିବୁ ଏବଂ ଏହାକୁ ପରିଶୋଧ ତାଲିକା ର ପରବର୍ତ୍ତୀ ତାରିଖ ରେ ତୁରନ୍ତ ଜମା କରିବାକୁ ପଡିବ ।

୩୦ .ଆମର ପାଣ୍ଠି ପ୍ରଦାନ ,ଅନ୍ୟ ମୂଲ୍ୟ, କ୍ଷତି ଆଦି ର ଭରଣା ପାଇଁ ଏବଂ ଏହା ଫଳରେ ଆମର ଘଟିଥିବା କ୍ଷତି (କ) ଚୁକ୍ତି ର ଖିଲାପ କରି ଋଣ ପରିଶୋଧ ନ କରିବା (ଖ) ଚୁକ୍ତି ଅନୁସାରେ କୌଣସି ବିଷୟ, ପ୍ରତିଶ୍ରୁତି ପାଳନ ନ କରିବା , ସଠିକ ନ ରହିବା , ସାମର୍ଥ୍ୟ ଦେଖାଇ ନ ପାରିବା ଆଦି (ଗ) ଋଣଦାତା ଙ୍କ ଦ୍ୱାରା ଋଣ ର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ଋଣ ଆଦାୟ ର ରସିଦ କିମ୍ବା ଅନ୍ୟ ବାକିଆ ଅର୍ଥ; (ଘ) ଡିଫଲ୍ଟ ହେବା କିମ୍ବା ହୋଇ ରହିବା କିମ୍ବା (ଙ) ଉପକରଣ କୌଣସି ଅସୁବିଧା ଯୋଗୁଁ ଯଦି ଋଣଦାତା କିଛି ଦାବି,କ୍ଷତି ସହିଥାନ୍ତି ।

୩୧ .ଏହି ଚୁକ୍ତି ଅଧୀନ ରେ କିମ୍ବା ଅନ୍ୟ କୌଣସି ଚୁକ୍ତି ଅଧୀନରେ କିମ୍ବା ଆପଣ ଙ୍କ ପ୍ରତି ରହିଥିବା ଆମର ଦାୟିତ୍ୱ କୁ ଆମେ ପାଳନ କରିବୁ ।

୩୨ . ଏହି ଚୁକ୍ତି ଅନୁସାରେ ଯଦି ଋଣ କୁ ଦିଆଯାଇଥାଏ କିମ୍ବା ଦିଆଯାଇ ନ ଥାଏ ତେବେ ଆମ ଦ୍ୱାରା ବହନ କରାଯାଇଥିବା ସମସ୍ତ ଖର୍ଚ୍ଚ କୁ ଋଣଗ୍ରହିତା ଙ୍କୁ ବହନ କରିବାକୁ ପଡିବ ।

୩୩ . ସମସ୍ତ ସୁଧକୁ (ଡିଫଲ୍ଟ ସୁଧକୁ ମିଶାଇ) ବର୍ଷ ରେ ୩୬୫ ଦିନ ଏବଂ ଅଧିବର୍ଷ ରେ ୩୬୬ ଦିନ ହିସାବରେ , ହିସାବ କରାଯିବ । ଏଭଳି ହିସାବ କରାଯାଇଥିବା ପଇସାକୁ ନିକଟସ୍ଥ ସମ୍ପୂର୍ଣ ଟଙ୍କା ରେ ହିସାବ କରାଯିବ । ଚୁକ୍ତି ଅନୁସାରେ ନିର୍ଦ୍ଧାରତ ଦିନରେ ଋଣଗ୍ରହୀତା ଙ୍କ ଆକାଉଣ୍ଟ ରେ ଜମା ହୋଇ ନ ଥିଲେ ଆମେ କ୍ଲିଅର ଫଣ୍ଡ ପାଇଲା ପରେ ତାଙ୍କର ଆକାଉଣ୍ଟ ରେ ଋଣ ପଇସାକୁ ଜମା କରିବୁ। ଏହି ଅର୍ଥ ଜମା ହେଲା ପର ଠାରୁ ଋଣଦାତା ଙ୍କ ଦାୟିତ୍ୱ ସମ୍ପନ୍ନ ହେବ ଏବଂ ଏହାକୁ ହେଉଛି ତାର ପ୍ରମାଣ । ଏ ନେଇ ଦିଆଯାଇଥିବା ଋଣଦାତା ଙ୍କ ପ୍ରମାଣ ପତ୍ରକୁ ଚୂଡ଼ାନ୍ତ ଏବଂ ଭୁଲ ସୁଧାରିବାକୁ ବ୍ୟବହାର କରାଯିବ ।

୩୪ . ଋଣ ଗ୍ରହିତା ଙ୍କୁ ଋଣ ଦେବା, ବିପଦ ର ବର୍ଗୀକରଣ, ଏବଂ ସୁଧ ହାର ସ୍ଥିର କରିବା ଆଦି ବିଷୟ ଉପରେ ଆମର ନିଷ୍ପତ୍ତି ଏକାଧିକ ବିଷୟ ଉପରେ ନିର୍ଭର କରିଥାଏ। ଯେପରିକି ପ୍ରତି ଋଣ ଆବେଦନ କୁ ପୃଥକ ଭାବରେ ବିଚାର କରିବା ସମୟରେ, ଋଣ ପାଇଁ ସମ୍ପତ୍ତିର ପ୍ରକାର ଏବଂ ଏହାର ପ୍ରସ୍ତାବିତ ବ୍ୟବହାର ଛଡା ଋଣଗ୍ରହୀତା ଙ୍କ ପ୍ରୋଫାଇଲ ଏବଂ ପରିଶୋଧ କ୍ଷମତା, ଅତୀତ ରେ ତାଙ୍କର ପରିଶୋଧ କ୍ଷମତା ଏବଂ ଟ୍ରେକ ରେକର୍ଡ, ଆମ ପାଖରେ ପାଣ୍ଠି ପହଞ୍ଚିବା ଏବଂ ଋଣ କ୍ଷମତା ବୃଦ୍ଧି ଓ ଡିଫଲ୍ଟ ହେବାର ଆଶଙ୍କା ,ପାଣ୍ଠିର ମୂଲ୍ୟ, ସୁଧ ରିହାତି, ପରିଚାଳନା/ପ୍ରଶାସନିକ ଖର୍ଚ୍ଚ ,ଲାଭର ପରିମାଣ, କିସ୍ତି ର ବିପଦ, ଋଣ ର ପରିମାଣ ଓ ପରିଶୋଧ କରିବାର ସମୟ ସୀମା , ଋଣ ଗ୍ରହୀତା ଙ୍କ ଭୌଗଳିକ ସ୍ଥିତି ଏବଂ ବଜାରରେ ଆମ ବ୍ୟବସାୟରେ ପ୍ରତିଯୋଗୀତା ଆଦି ଉପରେ ନିର୍ଭର କରିଥାଏ । ଋଣ ଗ୍ରହୀତାଙ୍କ ଦ୍ୱାରା ଦିଆଯାଇଥିବା ସୂଚନା, ହୋଇଥିବା ଯାଞ୍ଚ ଓ ପ୍ରମାଣ, ଅନ୍ୟାନ୍ୟ ସୂତ୍ରରୁ ମିଳିଥିବା ସୂଚନା କିମ୍ବା ସ୍ୱତନ୍ତ୍ର ତୃତୀୟ ପକ୍ଷ ଯେପରିକି କ୍ରେଡିଟ ବ୍ୟୁରୋ ଆଦିକୁ ବିଚାର କରି ରୁଣ ଦେବାର ନିଷ୍ପତ୍ତି ନିଆଯାଇଥାଏ । ଆମର ଅନ୍ତରୀଣ ଋଣ ନୀତି ଏବଂ ଦୃଷ୍ଟିଭଙ୍ଗୀକୁ ଭିତ୍ତି କରି ଆମର କ୍ରେଡିଟ ଆକଳନ କରାଯାଇଥାଏ। ।

ଋଣ ଦାତା ନିଜସ୍ୱ ନିର୍ଣ୍ଣୟ ଅନୁସାରେ ସୁଧ ହାର ସ୍ଥିର କରିଥାନ୍ତି. ଏବଂ ବାସ୍ତବତା ଓ ପରିସ୍ଥିତି କୁ ବିଚାର କରି ଏହିରେ ପରିବର୍ତ୍ତନ ମଧ୍ୟ କରିଥାନ୍ତି । ଏହାର ଫଳ ସ୍ୱରୂପ ସମାନ ସମୟ ପାଇଁ ଏକା ପ୍ରକାର ଋଣ ନେଇଥିବା ଦୁଇଜଣ ଋଣଗ୍ରହୀତା ଙ୍କ ସୁଧ ହାର ପୃଥକ ହୋଇପାରେ। ବାର୍ଷିକ ସୁଧା ହାର କୁ ସ୍ୱାକ୍ଷରିତ ଚୁକ୍ତି ର ନକଲ ମାଧମରେ ଋଣଗ୍ରହୀତା ଙ୍କୁ ଜଣାଇ ଦିଆଯାଇଥାଏ। ବଜାର ରେ ଆର୍ଥିକ ଉତ୍ପାଦନ ଓ ସେବା କ୍ଷେତ୍ର ରେ ରହିଥିବା ପ୍ରତିଯୋଗୀତା , ଗ୍ରାହକମାନଙ୍କୁ ଅଧିକ ସୁଧ ଦେବାରୁ ପ୍ରକୃତିକ କବଚ ଭାବରେ କାମ କରିଥାଏ। ଋଣ ଗ୍ରହିତା ରାଜି ଅଛନ୍ତି ଯେ, ସେwww.dllgroup.com/in ରେ ସୁଧ ହାର ଓ ବିପଦ ର ବର୍ଗୀକରଣ ସମ୍ପର୍କରେ ପ୍ରକାଶିତ ସୂଚନା କୁ ପଢିଛନ୍ତି ଏବଂ ବୁଝିଛନ୍ତି। ଏହି ସୂଚନା କୁ ସମୟ ସମୟରେ ଅପଡେଟ୍ ଓ ସଂଶୋଧନ କରାଯିବ।

୩୫ . ଏହି ଚୁକ୍ତି ଅଧୀନରେ ଆପଣ ନିଜର ଅଧିକାର ଓ ଦାୟିତ୍ୱକୁ ଅନ୍ୟ କାହାରିକୁ ନ୍ୟସ୍ତ କିମ୍ବା ହସ୍ତାନ୍ତର କରିବେ ନାହିଁ । ଆମେ ନିଜର ଅଧିକାରକୁ ଆପଣଙ୍କ ମତାମତ ବିନା ଅନ୍ୟ କାହାରିକୁ ନ୍ୟସ୍ତ କିମ୍ବା ହସ୍ତାନ୍ତର କରି ପାରିବୁ।

୩୬ . ଆପଣ ରାଜି ଅଛନ୍ତି ଯେ www.dllgroup.com/inରେ ଦିଆଯାଇଥିବା ଡି ଏଲ ଏଲ ର ଗୋପନୀୟତା ବକ୍ତବ୍ୟ, ଯାହା କି ସମୟ ସମୟରେ ଅଧୁନାତନ ଓ ସଂଶୋଧନ କରାଯାଇଥାଏ କୁ ପଢିଛନ୍ତି ଏବଂ ବୁଝିଛନ୍ତି ।

୩୭ .ଆମେ ଆପଣଙ୍କ ସୂଚନା କୁ ସଂଗ୍ରହ, ବ୍ୟବହାର, ସାଇତି ରଖିବା, କିମ୍ବା ଅନ୍ୟ କୁ ଦେବା ଓ ସମାପନ କରିବା (ଅନ୍ତର୍ଭୁକ୍ତ କିନ୍ତୁ ସୀମିତ ନୁହେଁ ,ଆପଣଙ୍କ ଦ୍ୱାରା କରାଯାଇଥିବା କିମ୍ବା କରିବାକୁ ଥିବା ଏହି ଚୁକ୍ତି ଓ ଅନ୍ୟାନ୍ୟ ଋଣ ସୁବିଧା,ଏହି ଚୁକ୍ତି ଅଧୀନରେ ଆପଣଙ୍କ ଦ୍ୱାରା କରାଯାଇଥିବା କୌଣସି ଡିଫଲ୍ଟ , ସମ୍ବେଦନଶୀଳ ବ୍ୟକ୍ତିଗତ ସୂଚନା , ଋଣ ଗ୍ରହୀତାଙ୍କ ବାୟୋ ମେଟ୍ରିକ ସୂଚନା ସହିତ ଆଖି,, ଭୁଲତା, ପଟଳ ଆଦିର ସୂଚନା (ସୂଚନା )କୁ ଡି ଏଲ ଏଲ ର ଋଣ ଯୋଗାଣ ର ପ୍ରକ୍ରିୟା ମଧ୍ୟରେ ତୃତୀୟ ପକ୍ଷ, ଡି ଏଲ ଏଲ ଇଣ୍ଟରନ୍ୟାସନାଲ ବି ଭି ଓ ଏହାର ସହଯୋଗୀ ସଂସ୍ଥା ,ରିବୋକ ଗ୍ରୁପ ଅଫ କମ୍ପାନୀଜ (ମିଳିତ ଭାବରେ ଡି ଏଲ ଏଲ )କ୍ରେଡିଟ ବ୍ୟୁରୋ, କେନ୍ଦ୍ରୀୟ କେ ୱାଇ ସି ରେଜେଷ୍ଟ୍ରି (ଗୁଡିକ), ସୂଚନା ସୁବିଧା (ଗୁଡିକ)ସହଆଦାନ ପ୍ରଦାନ କରିବା ଏବଂ ପରିଶୋଧ ଅକ୍ଷମତା ତଥା ଦେବାଳିଆ ହେବାର ସୂଚନା ସଂଗ୍ରହ ପାଇଁ,କୋଡ ୨୦୧୬ ର ବ୍ୟବହାର , ବ୍ୟବସାୟ ଏବଂ ଭେଣ୍ଡର ସହଯୋଗୀ , କୌଣସି ସରକାରୀ ସଂସ୍ଥା ,ଆମ ଅଡିଟର ଓ ଆଇନ ପରାମର୍ଶ ଦାତା ,ନିୟନ୍ତ୍ରଣକାରୀ ସଂସ୍ଥା ଓ ଏଜେନ୍ସି , ଉଭୟ ଭାରତ ଓ ଭାରତ ବାହାରେ, ସହିତ ଆଦାନ ପ୍ରଦାନ କରାଯିବ । ସୂଚନା ର ପ୍ରକ୍ରିୟା କାରଣ ପାଇଁ ଏହାକୁ ବିଦେଶ କୁ ମଧ୍ୟ ପଠାଯାଇ ପାରିବ । ଆପଣ ଏ କଥାରେ ମଧ୍ୟ ରାଜି ଅଛନ୍ତି ଯେ ଆପଣଙ୍କ ଇଲେକ୍ଟ୍ରୋନିକ କେ ୱାଇ ସି କୁ ବ୍ୟବହାର କରି ଯେ କୌଣସି ସେବାପ୍ରଦାନକାରୀଙ୍କ ଜରିଆରେ ଆପଣଙ୍କର ଇଲେକ୍ଟ୍ରୋନିକ/ଡିଜିଟାଲ ଦସ୍ତଖତ ("ଇ'ସାଇନ") ସମେତ ଡିଜିଟାଲ ଦସ୍ତଖତ ପ୍ରମାଣ ପତ୍ର (ଡ଼ି ଏସ ସି) , କି ଜେନେରେସନ ପାଇଁ ଦରଖାସ୍ତ ଫର୍ମ, କୀ ଜେନେରେସନ, ଏହାକୁ ନଷ୍ଟ କରିବା, ଆଧାର, ଇ' କେ ୱାଇ ସି ଅଧିପ୍ରମାଣ ରେସପନ୍ସ, ଡି ଏସ ସି ଆବେଦନ ଫର୍ମ ଜମା କରିବା ଏବଂ ପ୍ରତି ଥର ଇ ସାଇନ ପାଇଁ ଦସ୍ତଖତ ସୃଷ୍ଟି କରିବାକୁ ଆପଣଙ୍କ ସୂଚନା କୁ ବ୍ୟବହାର କରାଯିବ।

୩୮ . ଡି ଏଲ ଏଲ ଏହ ସୂଚନା କୁ ଋଣ ଯାଞ୍ଚ , ଡି ଏଲ ଏଲ ର ଆର୍ଥିକ ଉତ୍ପାଦନେ ଉନ୍ନତି ଆଣିବାକୁ,କଣ୍ଟ୍ରାକ୍ଟ ପ୍ରଶାସନ ଏବଂ ଗ୍ରାହକ ସମ୍ପର୍କ ପରିଚାଳନା ବ୍ୟବସ୍ଥାରେ ଯୋଗାଯୋଗ/ ଆଇନ ଅନୁସାରେ ଚୁକ୍ତି ର କାର୍ଯ୍ୟକାରିତାର ପ୍ରତିପାଳନ, ଠକାମୀ ଓ ମନି ଲାଉଣ୍ଡରିଙ୍ଗକୁ ରୋକିବା,ଡି ଏଲ ଏଲ ର ବ୍ୟବସାୟିକ ସମ୍ପର୍କ ଯଥା- ସିଧାସଳଖ ମାର୍କେଟିଙ୍ଗ ଆଦି ପାଇଁ ଏବଂ ମାର୍କେଟ ଗବେଷଣା,କିମ୍ବା ଡି ଏଲ ଏଲ ଅଥବା ଏହାର ପ୍ରାଧିକୃତ ତୃତୀୟ ପକ୍ଷ ଦ୍ୱାରା ଋଣ ଗ୍ରହୀତାଙ୍କ ସହିତ ଟେଲିଫୋନ, ଡାକ ଓ

ଇଲେକ୍ଟ୍ରୋନିକ ପଦ୍ଧତି ରେ ମେଲ, ଏସ ଏମ ଏସ ,ଚିତ୍ର ଓ ବାର୍ତ୍ତା ପ୍ରେରଣ ଏବଂ ଅନ୍ୟ ପ୍ରକାରେ ଡି ଏଲ ଏଲ , ସିଣ୍ଡିକେଟ, ଦାୟିତ୍ୱ ପ୍ରଦାନ ଏବଂ ଆର୍ଥିକ ଉତ୍ପାଦନ ର ପରୀକ୍ଷା ନିରୀକ୍ଷା କରିବା ଦିଗରେ ବ୍ୟବହାର କରିବ କିମ୍ବା ପାଣ୍ଠି ବଢାଇବା ପାଇଁ ଏହାର ବ୍ୟବହାର କରିବ ।

୩୯ .ଆପଣ ଅପ୍ରତ୍ୟାହାର ଯୋଗ୍ୟ ଭାବରେ ସହମତି ଦେଉଛନ୍ତି ଯେ ଆପଣ ଙ୍କ ସୂଚନା କୁ ଆମେ ପରିପ୍ରକାଶ, ରିପୋର୍ଟ, ଅପଡେଟ ଏବଂ ଆପଣଙ୍କ ପରିଶୋଧ, ପୁନଃ ପରିଶୋଧ ଏବଂ ସାଧାରଣ ବ୍ୟବହାର କୁ ସମୟ ସମୟରେ ଆମ ଇଚ୍ଛା ରେ ଯେପରି ଉପଯୁକ୍ତ ମନେ କରିବୁ , କୌଣସି କ୍ରେଡିଟ ବ୍ୟୁରୋ, ରିପୋର୍ଟିଂ ଏଜେନ୍ସି, ନିୟନ୍ତ୍ରଣ କାରୀ ସଂସ୍ଥା, ଅର୍ଦ୍ଧ- ଆଇନ ଗତ ସଂସ୍ଥା ଏବଂ ବ୍ୟବସାୟୀ ସଂସ୍ଥା କୁ ଦେଇ ପାରିବୁ । ଆପଣ ଏଥିରେ ମଧ ରାଜି ଯେ ଏହା ଦ୍ୱାରା କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ପରିଣତି ପାଇଁ ଆପଣ ଆମକୁ କୌଣସି ପ୍ରକାରେ ଦାୟୀ କରି ପାରିବେ ନାହିଁ ।

୪୦ .ଆପଣ ଯଦି ଆମ ଦ୍ୱାରା ଯୋଗାଇ ଦିଆଯାଉଥିବା କୌଣସି ଅଣ-ଜୀବନ /ଏବଂ /କିମ୍ବା ଜୀବନ, ସ୍ୱାସ୍ଥ୍ୟ ଏବଂ/କିମ୍ବା ସୁସ୍ଥ ରହିବାର ବୀମା ଏବଂ/କିମ୍ବା ଆମ ଦ୍ୱାରା ପ୍ରସ୍ତୁତ, ବିକ୍ରି କରାଯାଉଥିବା କିମ୍ବା ଯୋଗାଡ କରାଯାଉଥିବା ଉତ୍ପାଦନ ବାଛୁଛନ୍ତି ତେବେ ଏହାର ଉପାର୍ଜନ/ଆମଦାନୀ ରୁ ମିଳୁଥିବା ଲାଭକୁ ଆମେ ଆଇନ ଗତ ଭାବରେ ଗ୍ରହଣ କରି ପାରିବୁ ବୋଲି ଆପଣ ସହମତି ପ୍ରଦାନ କରୁଛନ୍ତି।

୪୧ . ଆପଣ ସ୍ୱୀକାର କରୁଛନ୍ତି ଯେ ପ୍ରଚଳିତ ସୁଧ ହାର, ଭାରତୀୟ ରିଜର୍ଭ ବ୍ୟାଙ୍କ ର ବ୍ୟାଙ୍କ ଦର ଠାରୁ ଅଧିକ ରହିଛି ଏବଂ ଋଣଦାତା ଙ୍କୁ ଏହାର ପରିଚାଳନା ଖର୍ଚ୍ଚ,ଫି, ଅନ୍ୟାନ୍ୟ ଖର୍ଚ୍ଚ ରେ ସୁଧ ହାର ସବସିଡି/ ତାରତମ୍ୟ ସୁଧ, ବିଳମ୍ବରେ ପରିଶୋଧ,କିମ୍ବା ଅ ସବୁର ମିଶ୍ରଣ ଜରିଆରେ ଭେଣ୍ଡର କିମ୍ବା ତୃତୀୟ ପକ୍ଷ ଦ୍ୱାରା ରିହାତି ଦିଆଯିବା ଦରକାର । ଏ ଭଳି ବ୍ୟବସ୍ଥା ରେ ଆପଣ ରାଜି ଅଛନ୍ତି ଏବଂ ଏହାକୁ ସୁନିଶ୍ଚିତ କରୁଛନ୍ତି ଯେ ଋଣ ଦାତା ଏ ସମ୍ପର୍କ ରେ ଆପଣଙ୍କ ପରାମର୍ଶ ନେବେ ନାହିଁ ଏବଂ ଆପଣ ଏଥିରେ କୌଣସି ପ୍ରକାରେ ସମ୍ପୃକ୍ତ ନୁହନ୍ତି।

୪୨ .ଏହି ଚୁକ୍ତି ଅଧୀନରେ ସମସ୍ତ ଯୋଗାଯୋଗ ଫେକ୍ସ କିମ୍ବା ପକ୍ଷ ଦ୍ୱାରା ସମୟ ସମୟରେ ଦିଆଯାଇଥିବା ତାଙ୍କର ଠିକଣା ରେ ଡାକ ଯୋଗେ ଲିଖିତ ଆକାରରେ ପଠାଯିବ । ଆପଣଙ୍କ ଦ୍ୱାରା କରାଯାଇଥିବା କୌଣସି ଯୋଗାଯୋଗ ପ୍ରତ୍ୟାହର କରାଯାଇ ପାରିବ ନାହିଁ ଏବଂ ଆମେ ତାକୁ ଗ୍ରହଣ କଲା ପରେ କାର୍ଯ୍ୟକାରୀ କରାଯିବ।

୪୩ .ଏହି ଚୁକ୍ତି ର କୌଣସି ବେଆଇନ,ଅଯୋଗ୍ୟ କିମ୍ବା ଲାଗୁ ନ ହେଲା ଭଳି ବ୍ୟବସ୍ଥା ଏହାକୁ ଅନ୍ୟତ୍ର ବ୍ୟବହାର କରିବାରେ ଏହା ଅନ୍ୟ ବ୍ୟବସ୍ଥା ବୈଧତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ।

୪୪ . ଏହି ଚୁକ୍ତି ମୂଖ୍ୟ ଓ ମୁଖ୍ୟ ଦୁଇଟି ପକ୍ଷ ମଧରେ କରାଯାଇଛି। ଏହି ଚୁକ୍ତିରେ ଏଭଳି କିଛି ବ୍ୟବସ୍ଥା ନାହିଁ ଯାହା ଆମ ଭିତରେ କିମ୍ବା କୌଣସି ଅଂଶୀଦାର, କର୍ମଚାରୀ,ଅଫିସର ,ଷ୍ଟାଫ ସଦସ୍ୟ କିମ୍ବା ଏଜେଣ୍ଟ ଓ ପ୍ରତିନିଧି ମଧରେ ନିଯୁକ୍ତି ଦାତା ଓ କର୍ମଚାରୀ କିମ୍ବା ମୁଖ୍ୟ ଏଜେଣ୍ଟ ର ସମ୍ପର୍କ ସୃଷ୍ଟି କରିବ ।

୪୫ .ଏହି ଚୁକ୍ତି ର ଅଂଶ ହୋଇ ନ ଥିବା କୌଣସି ବ୍ୟକ୍ତିଙ୍କ ଏହି ଚୁକ୍ତି ଲାଗୁ କରିବାର ଅଧିକାର ନାହିଁ ।

୪୬ .ଏହି ଚୁକ୍ତି ଏବଂ ତା ସହିତ ସମ୍ପୃକ୍ତ ଅନ୍ୟ ଦସ୍ତାବିଜଗୁଡିକ ଏହାର ବିଷୟ ବସ୍ତୁ ନେଇ ଏବଂ ପୂର୍ବ ବ୍ୟବସ୍ଥା ଓ ବୁଝାମଣା କୁ ନେଇ ଉଭୟ ପକ୍ଷ ଦ୍ୱାରା ସମ୍ପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି

୪୭ . ଏହି ଚୁକ୍ତି ଅଧୀନ ରେ ଋଣଦାତା ଙ୍କ ଦ୍ୱାରା କୌଣସି ଅଧିକାର କିମ୍ବା ସୁଧାର କୁ ପାଳନ କରିବାରେ ବିଫଳତା ଏବଂ ବିଳମ୍ବ ନ ଘଟିବାକୁ ଏହାକୁ ଛାଡ ଭାବରେ ଗ୍ରହଣ କରାଯିବ । କୌଣସି ଅଧିକାର ଏବଂ ସୁଧାର ର ଅଂଶ କିମ୍ବା ସମଗ୍ର ଅଧିକାର ଓ ସୁଧାର ର ପାଳନ କୁ ଅନ୍ୟ ଅଧିକାର ଓ ସୁଧାର ର ପାଳନ କୁ ଅଗ୍ରାଧିକାର ଦିଆଯିବ ନାହିଁ। ଏହ ଚୁକ୍ତି ରେ ଦିଆଯାଇଥିବା ଅଧିକାର ଓ ସୁଧାର ହେଉଛି ଏକତ୍ରିତ ଏବଂ ଅନ୍ୟ କୌଣସି ଅଧିକାର ଓ ସୁଧାର ସ୍ୱତନ୍ତ୍ର ନୁହେଁ ।

୪୮ . ଯଦି ଉଭୟ ପକ୍ଷ ଲିଖିତ ଭାବରେ ରାଜି ହେଲା ପରେ ଏହି ଚୁକ୍ତିର ଧାରା କୁ ପରିବର୍ତ୍ତନ କରାଯାଇ ପାରିବ । ସେ ଭଳି କୌଣସି ଡିଫଲ୍ଟ ଘଟଣା ଘଟିବା ପୂର୍ବ ରୁ କିମ୍ବା ପରେ ଋଣଦାତାଙ୍କ ଲିଖିତ ରାଜିନାମା ବଳରେ କୌଣସି ଅବହେଳାକୁ ଛାଡ କରାଯାଇ ପାରିବ । ଏହି ଚୁକ୍ତି ଅଧୀନରେ କେବଳ ଋଣଦାତାଙ୍କ ଲିଖିତ ସହମତିକୁ ଗ୍ରହଣ କରାଯିବ ।

୪୯ .ଆବେଦନ କାରୀ ଙ୍କ ସୁବିଧା ପାଇଁ ଡି ଏଲ ଏଲ ଇଣ୍ଡିଆ ଏହି ଦରଖାସ୍ତ ଫର୍ମ କୁ ଏକାଧିକ ଭାଷାରେ ପ୍ରକାଶ କରି ପାରିବ, ଯଦି ଇଂରାଜୀ ଭାଷା ଓ ଆଞ୍ଚଳିକ ଭାଷା ର ଅର୍ଥରେ କୌଣସି ତାରତମ୍ୟ କିମ୍ବା ଦ୍ୱନ୍ଦ ଦେଖାଯାଏ ତେବେ ତାହାର ବ୍ୟାଖ୍ୟା ପାଇଁ ଇଂରାଜୀ ଭାଷାର ତର୍କ କୁ ଗ୍ରହଣ କରାଯିବ। ଦରଖାସ୍ତକାରୀଙ୍କ ଲିଖିତ ଅନୁରୋଧ କ୍ରମେ ଡି ଏଲ ଏଲ ଇଣ୍ଡିଆ ତରଫରୁ ଦରଖାସ୍ତ ଫର୍ମ ର ଇଂରାଜୀ ପ୍ରତିଲିପି ଯୋଗାଇ ଦିଆଯିବ।

୫୦. ଭାରତ ର ଆଇନ ଅନୁସାରେ ଏହି ଚୁକ୍ତି ସମ୍ପାଦନ ଓ ପ୍ରଚାଳିତ ହେବ। ଉଭୟ ପକ୍ଷ କୁ ପ୍ରଭାବିତ କରୁଥିବା କୌଣସି ଦ୍ୱନ୍ଦ କିମ୍ବା ମତଭେଦ କୁ ଅରବିଟ୍ରେସନ ଆଣ୍ଡ କସିଲେସନ ଆଇନ,୧୯୯୬ ଅଧୀନ ରେ ଏବଂ ସମୟ ସମୟରେ ସାଂସଦ ଦ୍ୱାରା ମଞ୍ଜୁର କରାଯାଇଥିବା ଅରବିଟ୍ରେସନ ପ୍ରକ୍ରିୟା ଅନୁସାରେ ସମାଧାନ କରାଯିବ। ଏ ବାବଦରେ ଋଣଦାତା ନିଜସ୍ୱ ଇଚ୍ଛାରେ ନିଯୁକ୍ତ କରାଯାଇଥିବା ଅରବିଟ୍ରେଟରଙ୍କ ନିକଟକୁ ବିଚାର ପାଇଁ ପଠାଯିବ । ଯଦି କୌଣସି କାରଣରୁ ସେହି ଅରବିଟ୍ରେଟରଙ୍କ ମୃତ୍ୟୁ, ମନା କରିବା, ଅବହେଳା, ଅକ୍ଷମତା ଅଯୋଗ୍ୟତା ଭଳି ଘଟଣା ଘଟେ ତେବେ ଋଣଦାତା ନିଜସ୍ୱ ଇଚ୍ଛାରେ ଜଣେ ନୂତନ ବ୍ୟକ୍ତିଙ୍କୁ ଅରବିଟ୍ରେଟର ଭାବରେ ନିଯୁକ୍ତି ଦେଇପାରିବେ। ଅରବିଟ୍ରେସନ ପ୍ରକ୍ରିୟାକୁ ଇଂରାଜୀ ଭାଷାରେ କରାଯିବ। ଅରବିଟ୍ରେଟର ଙ୍କ ବିଚାରକୁ ଚୂଡାନ୍ତ ଓ ସର୍ବମାନ୍ୟ ବୋଲି ଧରାଯିବ। ସମ୍ପୃକ୍ତ ଉଭୟ ପକ୍ଷ ପାଇଁ ଏହା ବାଧ୍ୟ ରୂପେ ପାଳନୀୟ ହେବ। ଅରବିଟ୍ରେଟର ଙ୍କ ନିର୍ଦ୍ଦେଶ କ୍ରମେ କୌଣସି ପକ୍ଷ ଏହାର ଖର୍ଚ୍ଚ ବହନ କରିବେ। ଋଣଦାତାଙ୍କ ନିଜସ୍ୱ ଇଚ୍ଛାରେ ଅରବିଟ୍ରେସନ ପ୍ରକ୍ରିୟା କୁ ଦିଲ୍ଲୀ କିମ୍ବା ମୁମ୍ବାଇ ର ଅଦାଲତ ର ରେ କରାଯିବ । ଏହି ଅଦାଲତର ନିର୍ଣ୍ଣୟକୁ ଋଣଗ୍ରହୀତା ମାନିବାକୁ ପଡିବ।

✍

ପରିଶୋଧ ର ତାଲିକା ପାଇଁ ତାରିଖ ରେ ଏହି ଚୁକ୍ତି ସାକ୍ଷୀ ସହିତ ଦସ୍ତଖତ କରାଯାଇଛି ।

| | |
|---|---|
| ରଣଦାତା | ଦସ୍ତଖତ |
| ରଣଗ୍ରହୀତା ଙ୍କ ନାମ | |
| ଠିକଣା | |
| ସହ- ରଣଗ୍ରହୀତା ଙ୍କ ନାମ | |
| ଠିକଣା | |

ତାରିଖ ------------------------୨୦----

ମୁଁ ସୁନିଶ୍ଚିତ କରୁଛି ଯେ ଏହି ଚୁକ୍ତିର ବିଷୟ ବସ୍ତୁକୁ ମୁଁ ରଣଗ୍ରହୀତା ଏବଂ ସହରଣଗ୍ରହୀତାମାନଙ୍କୁ ଦସ୍ତଖତ କିମ୍ବା ଟିପ ଚିହ୍ନ ଦେବା ପୂର୍ବରୁ ସେମାନଙ୍କ ସ୍ଥାନୀୟ ଭାଷାରେ ମୌଖିକ ଆକାରରେ ବୁଝାଇ ଦେଇଛି ଏବଂ ସେମାନେ ଏଥିରେ ରାଜି ହୋଇ ଚୁକ୍ତିରେ ଦସ୍ତଖତ କରିଛନ୍ତି ।

ଦସ୍ତଖତ

ନାମ

ଶୀର୍ଷକ

କର୍ମଚାରୀଙ୍କ ନାମ :

**LOAN AND HYPOTHECATION AGREEMENT - AMENDMENT**

1. This refers to the master Loan and Hypothecation Agreement dated ____________________ (“**Agreement**”) entered into between De Lage Landen Financial Services India Private Limited (“**Lender**”) and ______________________________________________________________________
______________________________________________________________________
(“**Borrower**”) (hereinafter collectively referred to as “**Parties**”). All terms defined in the Agreement have the same meaning in this Amendment (“**Amendment**”).

2. Pursuant to the relevant enabling clause of the Agreement, the Parties hereby agree to the following amendment to the Agreement.

   i. References to fees, charges shall hereby be respectively replaced and superseded and new fees, charges hereby introduced as noted in the table below:

| Sr. no | Fee / charge | Rate (applicable tax shall be payable over and above the below fee / charge) |
|---|---|---|
| 1. | Processing fee | up to 2% of Facility amount |
| 2. | Doorstep payment collection fee | INR 250/- per doorstep visit for collecting any payment / repayment |
| 3. | Dishonour of payment instrument / instruction | INR 500/- per cheque dishonour and INR 75/- per instance of dishonour of ECS or ACH mandate |
| 4. | Issuing a Statement of Account (SOA) | INR 200/- per SOA |
| 5. | Issuing a balance confirmation statement | INR 100/- per instance from the second instance onwards |
| 6. | Per copy of Repayment Schedule | INR 250/- |
| 7. | Change in Repayment Date among alternatives made available by the Lender without any change in the Interest Rate or Loan term | INR 500/- per change |
| 8. | Issuing a prepayment quote | INR 100/- per prepayment quote |
| 9. | Prepayment fee | 4% of the Loan amount prepaid plus other costs, loss, expense or liability sustained or incurred by the Lender arising from the prepayment |
| 10. | No dues / No objection certificate / confirmation | INR 500/- per certificate / confirmation from the second instance onwards |
| 11. | Providing a copy of the Borrower’s credit bureau report if available with the Lender | INR 100/- per copy provided |

The Lender hereby reserves the right to levy new fees, charges, costs etc., and to revise existing fees and charges prospectively after publishing them on its webpage www.dllgroup.com/in.

3. This Amendment is governed by and shall be construed in accordance with Indian law.

4. It is agreed and declared that the provisions of the Agreement shall prevail save to the extent specifically amended or modified by this Amendment and it is expressly reiterated that the same shall, save to the extent as amended and modified, continue to operate in all respects.

(B-2, CB-2)

5. This Amendment shall form an integral part of the Agreement and shall be read along with the Agreement and all terms shall apply *mutatis mutandis* to this Amendment. All references in the Agreement to "this Agreement" shall include the reference to this Amendment wherever the context so requires. Further, references to the Agreement in any other documents shall include reference to the Agreement as amended by this Amendment.

IN WITNESS WHEREOF this Amendment has been entered into on ________________________.

| Borrower | Co-Borrower |
|---|---|
| Signature: ______________________________ | Signature: ______________________________ |
| Name: ________________________________ | Name: ________________________________ |

| Co-Borrower | Co-Borrower |
|---|---|
| Signature: ______________________________ | Signature: ______________________________ |
| Name: ________________________________ | Name: ________________________________ |

The Lender

For De Lage Landen Financial Services India Private Limited

Signature: __________________________

Name: __________________________

Title: __________________________

I hereby confirm that I have explained the contents of this Amendment verbally to the Borrower and all Co-Borrower(s) in their local language before they put their mark/thumbprint to signify that they have signed this Amendment.

Signature: __________________________

Name: __________________________

Title: __________________________

Employee Number: __________________________

(B-1, CB-1, FSO-1)